# ବିଦ୍ୟୁତ୍ ବିଭ୍ରାଟ; ଗ୍ରୀଡ୍ ଅଫିସ ଘେରିଲେ ଗ୍ରାହକ



**ମାନେଶ୍ୱର, ୧୯।୬(ସମିସ):** ପରମାଣପୁର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ସମସ୍ୟା ଓ ବିଦ୍ୟୁତ ବିଭାଗର କର୍ମଚାରୀ ମାନଙ୍କ ଦୁର୍ବ୍ୟବହାର ପ୍ରଦର୍ଶନକୁ ବିରୋଧ କରି ଅଞ୍ଚଳବାସୀ ଆଜି ଅଫିସ ଘେରଉ କରିଥିଲେ।

ଅଭିଯୋଗ କ୍ରମେ ମାନେଶ୍ୱର ବ୍ଲକର ପରମାଣପୁର ଅଞ୍ଚଳରେ ଲାଗି ରହିଛି। ବାରମ୍ବାର ବିଦ୍ୟୁତ ବିଭ୍ରାଟ ଦେଖା ଦେଉଛି। ବିଦ୍ୟୁତ ଚାଲିଗଲେ ରାତି ରାତି ମରାମତି କରାଯାଇ ନାହିଁ। ଏଭଳି ଗରମ ଓ ଗୁଳୁ ଗୁଳିରେ ଲୋକମାନେ ବହୁତ ହଇରାଣ ହେଉଛନ୍ତି। ବିଦ୍ୟୁତ କାଟ ସମସ୍ୟା ଅଭିଯୋଗ କଲେ କେହି ଭି ଶୁଣୁ ନାହାନ୍ତି। କୌଣସି ସୁଫଳ ମିଳୁନଥିବା ବେଳେ ଓଲଟା ବିଦ୍ୟୁତ କର୍ମଚାରୀ ମାନେ ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ପରମାଣପୁର ବିଦ୍ୟୁତ ଗ୍ରିଟ ସବଷ୍ଟେସନ କୁ ଯାଇ ଦୃଢ ପ୍ରତିବାଦ କରି ଘେରଉ କରିଥିଲେ। ଏଥିସହ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟୁତ କାଟ ସମସ୍ୟାର ସମାଧାନ ସହ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ବିଦ୍ୟୁତ କର୍ମଚାରୀଙ୍କ ବଦଳି ଦାବୀ କରିଥିଲେ। ଅନ୍ୟପକ୍ଷରେ ଦାୟିତ୍ୱରେ ଥିବାରେ ଯନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଲୋକଙ୍କୁ ପ୍ରତିଶୃତି ଦେଇଥିଲେ। ପରମାଣପୁର ସରପଞ୍ଚ ମହେନ୍ଦ୍ର ନାଥଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଉପସ୍ଥିତ ରହିଥିଲେ।

### ୯ ବର୍ଷ ହେଲା ଜାତୀୟ ରାଜପଥ କାମ ସମ୍ପୂର୍ଣ୍ଣ ହୋଇନି

# ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ

**ସମ୍ବଲପୁର, ୧୯।୬(ସମିସ)**

ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ସମ୍ବଲପୁର-ଅନୁଗୁଳ ୫୫ନମ୍ବର ଜାତୀୟ ରାଜପଥ ଦୀର୍ଘ ୯ ବର୍ଷ ହେବ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ଏହି ରାସ୍ତାରେ ଦୁର୍ଘଟଣା ଘଟି ଶତାଧିକ ଜୀବନ ଯାଇସାରିଛି। ଏଥିପାଇଁ ନିର୍ବାଚନ ସମୟରେ ମଧ୍ୟ ଜନ ସାଧାରଣ କେନ୍ଦ୍ର ବିଜେପି ସରକାରଙ୍କୁ

### ବନ୍ୟପ୍ରାଣୀ କରିଡର କାମରେ ଅନିୟମିତତା

ଘେରିଥିଲେ। ଠିକା ସଂସ୍ଥା ଗାୟତ୍ରୀ କନଷ୍ଟ୍ରକସନ୍ ଭଳି ନୂଆଁ ଠିକା ସଂସ୍ଥା ଏଆଇପିଏଲ୍ ମଧ୍ୟ କାମରେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ରାସ୍ତା ଗୁଡିକ କାମ ପ୍ରାୟ ଶେଷ କରିଥିବା ବେଳେ ବ୍ରିଜ ଓ ଛକରେ କାମ ଗୁଡିକ ବାକି ପକାଇ ଦେଇଛି। ଏବେ ବିଶେଷ ଭାବେ ହାତୀ କରିଡର ଗୁଡିକ ନିର୍ମାଣ କରାଯାଉନାହିଁ। ଅଧାପନ୍ତରିଆ ଭାବେ କରିଡର କାମ ଗୁଡ଼ିକ ରହିଥିବା ବେଳେ କେତେକ କରିଡର କାମ ଆରମ୍ଭ କରିନାହିଁ। ତେଣୁ ଧାର୍ଯ୍ୟ ସମୟରେ ଆଉ କାମ ସମ୍ପୂର୍ଣ୍ଣ ହେବ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏନ୍‌ଏଚ୍‌ଏଆଇ ଡିସେମ୍ବର ୨୩ ସୁଦ୍ଧା



ରାସ୍ତା କାମ ଶେଷ ହୋଇଯିବ ଓ ଏପ୍ରିଲ ୨୦୨୪ ସୁଦ୍ଧା ହାତୀ କରିଡର, ଫୁଟପାଥ କାମ ଶେଷ ହୋଇଯିବ ବୋଲି କୁହାଯାଇଥିଲା। ଏପରିକି ଠିକା ସଂସ୍ଥାକୁ ତାଗିଦ କରିଥିବା ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ କାମ ସରୁନାହିଁ। ଆଉ କେତେ ମୁଣ୍ଡ ଗଡ଼ିବା ପରେ ରାସ୍ତା ସମ୍ପୂର୍ଣ୍ଣ ହେବ ବୋଲି ସାଧାରଣ ଲୋକ ଅଭିଯୋଗ କରୁଛନ୍ତି। ଅର୍ଦ୍ଧନିର୍ମିତ ରାସ୍ତା ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ପୂର୍ବତନମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ ଏହି ରାସ୍ତାରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଦୁର୍ଘଟଣା ଶିକାର ହୋଇଥିଲେ। ଏବେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସି ପାରିନାହିଁ। ପୂର୍ବରୁ ଦାୟିତ୍ୱରେ ଥିବା ଠିକାସଂସ୍ଥା ଗାୟତ୍ରୀ କନଷ୍ଟ୍ରକସନ ବିଭିନ୍ନ କାରଣରୁ କାମ କରିପାରି ନଥିଲା। ଲୋକଙ୍କ ଆପତ୍ତି ଅଭିଯୋଗ ଓ ଆନ୍ଦୋଳନ ପରେ ଅନ୍ୟ ଏକ ଠିକାସଂସ୍ଥା ଏଆଇପିଏଲ୍‌କୁ ୨୦୨୩ ଜାନୁଆରୀରୁ ଦାୟିତ୍ୱ ଦିଆଯାଇଥିଲା। କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଲୋକେ ଆଶା କରିଥିଲେ। ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାମ ଶେଷ ହୋଇଥିବା ବେଳେ ୨୦ ପ୍ରତିଶତ କାମ ବାକି ରହିଛି। ୨୦୧୫ ମସିହାରେ ଏହି ଜାତୀୟ ରାଜପଥର ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥିଲା। ଜମି ଅଧିଗ୍ରହଣରେ ବିଳମ୍ବ, ଜଙ୍ଗଲ ଜମି ସମସ୍ୟା ଯୋଗୁଁ ପ୍ରକଳ୍ପ କାମ ଆଗେଇପାରି ନଥିଲା। ଏଥିପାଇଁ ୧୮ ଶହ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିବା ବେଳେ ଟେଣ୍ଡର ଆହ୍ୱାନରେ ଠିକା କମ୍ପାନୀ ପ୍ରାୟ ୩୦ପ୍ରତିଶତ ରିହାତିରେ ୧୨୫୫ କୋଟି ଟଙ୍କାରେ କାମ ଆରମ୍ଭ କରିଥିଲା। ଏଥିରେ ମୋଟ ୧୪୭ କି.ମି. ରାସ୍ତା ନିର୍ମାଣ ହେବାକୁ ସ୍ଥିର ହୋଇଥିଲା। ଗାୟତ୍ରୀ କମ୍ପାନୀ ୬ବର୍ଷ ଭିତରେ ଅନେକଥର କାମ ବନ୍ଦ କରିଥିବା ବେଳେ ୬୪ ପ୍ରତିଶତ କାମ କରି ବନ୍ଦ କରିଦେଇଥିଲା।

# ମୃତ୍ୟୁକୁ ହାତ ଠାରୁଛି ବିଜାଡିହି ଗ୍ରାମର ମୁକୁଳା ଟ୍ରାନ୍ସଫର୍ମର

**କୁଚିଣ୍ଡା, ୧୯।୬(ସମିସ) :** କୁଚିଣ୍ଡା ପଞ୍ଚାୟତ ସମିତି କୁଟୁରାଚୁଆଁ ଗ୍ରାମ ନିକଟସ୍ଥ ବିଜାଡ଼ିହି ଗ୍ରାମର ପ୍ରବେଶ ପଥ ପାଖରେ ଟାଟା ପାୱାର ପକ୍ଷରୁ ଏକ ଟ୍ରାନ୍ସଫର୍ମର



ବସାଯାଇଛି। ଏଠାରୁ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ ସରବରାହ କରାଯାଉଛି। ଉକ୍ତ ଟ୍ରାନ୍ସଫର୍ମର ପାଖରେ ଶିଶୁମାନଙ୍କୁ ସେବା ଯତ୍ନ ଓ ଶିକ୍ଷା ପାଇଁ ଏକ ଅଙ୍ଗନବାଡି କେନ୍ଦ୍ର ରହିବା ସହ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ଟ୍ରାନ୍ସଫର୍ମର ପାଖ ଦେଇ ଗ୍ରାମବାସୀ ଯାତାୟାତ କରୁଥିବା ବେଳେ କୋମଳ ମତି ଶିଶୁ ମାନେ ମଧ୍ୟ ଖେଳା ବୁଲା କରିଥାନ୍ତି। ହେଲେ ଟାଟା ପାୱାର ଏହି ଟ୍ରାନ୍ସଫର୍ମରଟିକୁ ମୁକୁଳା ଛାଡି ଦେଇଛି। ମୁକୁଳା ରଖିବା ଦ୍ୱାରା ବର୍ଷେ ଆଗରୁ ୨ଟି ଗାଇ, ଗୋଟିଏ ବିଷାକ୍ତ ନାଗ ସାପ ଏହାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ। ଆହୁରି ମଧ୍ୟ ଏହାର ଚାରି ପାଖରେ ପାଣି ଭର୍ତ୍ତି ହୋଇ ରହିଯିବାରୁ ଯାତାୟାତ କରୁଥିବା କିଛି ବ୍ୟକ୍ତି ମଧ୍ୟ ସଂସ୍ପର୍ଶରେ ଆସିଥିଲେ। ଏସବୁ ଘଟିବା ପରେ ଟାଟା ପାୱାରକୁ ଗ୍ରାମବାସୀ ଟ୍ରାନ୍ସଫର୍ମର ଚାରିପାର୍ଶ୍ୱରେ ବାଡ଼ ଦେବା ପାଇଁ ଅନୁରୋଧ କରିଥିଲେ। ହେଲେ ବର୍ଷେରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଟାଟା ପାୱାର ଶୁଣିବା ନା ଧରୁନି। ଯେମିତି ମୁକୁଳାକୁ ସେମିତି ମୁକୁଳା ହୋଇ ପଡ଼ିରହିଛି ଏବଂ ମୃତ୍ୟୁକୁ ହାତ ଠାରି ଡାକୁଛି ଉକ୍ତ ମୁକୁଳା ଟ୍ରାନ୍ସଫର୍ମର। ଯଦି ଟାଟା ପାୱାର ଏହାର ଚାରି ପଟେ ବାଡ଼ର ବ୍ୟବସ୍ଥା ନକରେ ତେବେ ଯେ କୌଣସି ସମୟରେ ଧନ ଜୀବନ ନଷ୍ଟ ହୋଇପାରେ ବୋଲି ଗ୍ରାମବାସୀ ଅଭିଯୋଗ କରନ୍ତି। ଏଣୁ ଧନ ଜୀବନ ସୁରକ୍ଷା ପାଇଁ ତୁରନ୍ତ ଟାଟା ପାୱାର ଟ୍ରାନ୍ସଫର୍ମରର ଚାରି ପଟେ ବାଡ଼ ଦେବାର ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଏନ୍‌ଏଲ୍‌ସି କମ୍ପାନୀ ଆମ୍ବୁଲାନ୍ସ ଦୁର୍ଘଟଣା; ନିଶାରେ ଥିଲେ ଡ୍ରାଇଭର !

**ରେଙ୍ଗାଲି, ୧୯।୬ (ସମିସ):** ସମ୍ବଲପୁର ଜିଲ୍ଲା ଠେଲକଲୋଇ ଥାନା ଅନ୍ତର୍ଗତ ଖିଣ୍ଡା




ଗ୍ରାମରୁ ବିଜୁ ଏକ୍ସପ୍ରେସ ୱେ କୁ ସଂଯୋଗ କରୁଥିବା ରାସ୍ତାରେ ଏନ୍ ଏଲ ସି କମ୍ପାନୀର ଆମ୍ବୁଲାନ୍ସ ଦୁର୍ଘଟଣା ଘଟିଥିଲା। ସୂଚନାଯୋଗ୍ୟ ଏନ୍‌ଏଲସି କମ୍ପାନୀର ଆମ୍ବୁଲାନ୍ସ ଓଡି୧୫ ଡବ୍ଲୁ ୫୩୧୦ ର ଡ୍ରାଇଭର ପ୍ରଚୁର ମଦ ପିଇ ରାସ୍ତା କଡରେ ଥିବା ଏକ ଗଛକୁ ଜୋରରେ ପିଟି ଦେଇଥିଲା। ଫଳରେ ଆମ୍ବୁଲାନ୍ସର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଭାଗ୍ୟ ବସତ ଆମ୍ବୁଲାନ୍ସରେ କୌଣସି ରୋଗୀ ନଥିବା ବେଳେ ରାସ୍ତା ମଧ୍ୟ ଫାଙ୍କା ଥିଲା। ତେଣୁ କୌଣସି ଧନ ଜୀବନ ହାନି ହୋଇନଥିବା ବେଳେ ଡ୍ରାଇଭର ସୁରକ୍ଷିତ ଅଛନ୍ତି। ଆମ୍ବୁଲାନ୍ସ ଜୀବନ ବଞ୍ଚଉଥିବା ବେଳେ ଏପରି ମଦ୍ୟପ ଡ୍ରାଇଭର ମଦ ପିଇ ଆମ୍ବୁଲାନ୍ସ ଚଳାଇବା ସାଧାରଣରେ ନିନ୍ଦା କରୁଛନ୍ତି।।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ନିମନ୍ତେ ବୈଠକ



**ରେଢ଼ାଖୋଲ, ୧୯।୬(ସମିସ):** ସହରାଞ୍ଚଳୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ନିମନ୍ତେ ଆଜି ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ସହରାଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରେ କିପରି ସମସ୍ତ ବିଭାଗ, ସମସ୍ତ ସଂଗଠନ, ସ୍ୱେଚ୍ଛାସେବୀ ସମନ୍ୱୟ ରକ୍ଷା କରି ମୁକାବିଲା କରିପାରିବେ ସେ ସଂକ୍ରାନ୍ତରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟକୁ ମୁକାବିଲା ପାଇଁ ବ୍ୟାପକ ସଜାଗ ରହିବା ସହିତ ଗୃହ ପାଳିତ ପଶୁ, ଗର୍ଭବତୀ ମା, ଛୋଟ ଛୁଆ, ବୟସ୍କ ଲୋକଙ୍କୁ ସତନ୍ତ୍ର ଧ୍ୟାନ ଦେବା ସହ, ଔଷଧ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ଦୁର୍ବଳ ସ୍ଥିତିରେ ଥିବା କେନାଲ ବନ୍ଧ ନିର୍ମାଣ, ଡ୍ରେନ ସଫା, ଆଶ୍ରୟ ସ୍ଥଳୀର ମରାମତି ସହିତ ଅନ୍ୟ ଅନୁସଙ୍ଗିକ କାର୍ଯ୍ୟକୁ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ରେଢ଼ାଖୋଲ ଏନଏସି ପାଇଁ ନିୟୋଜିତ ଥିବା ପର୍ଯ୍ୟବେକ୍ଷକ ଡେପୁଟି କମିସନର ସମ୍ବଲପୁର ମହାନଗର ନିଗମ ଶଙ୍କର ପ୍ରସାଦ ସାହୁ ପରାମର୍ଶ ଦେଇଥାନ୍ତି। ଏହା ଛଡା ଗୋଟିଏ ଟିମ ପରି କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଶୂନ୍ୟ ମୃତ୍ୟୁ ସହ ଲୋକଙ୍କ ଧନ ଜୀବନକୁ କିପରି ଆମେ ସୁରକ୍ଷା ଦେଇପାରିବ ସେଥିପ୍ରତି ସମସ୍ତେ ଏକଜୁଟ କାର୍ଯ୍ୟ କରିବା ସେ ସହଯୋଗ ଲୋଡିଛନ୍ତି। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ରେଢ଼ାଖୋଲ ଏନଏସି ଉପାଧ୍ୟକ୍ଷ ଅନୁସୟା ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ, ବିଭିନ୍ନ ଏନଜିଓ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ।

# ପୋଖରୀରେ ବୁଡ଼ି ମହିଳା ମୃତ



**ଯୁଯୁମୁରା, ୧୯।୬(ସମିସ):** ଯୁଯୁମୁରା ଥାନା ଗହିରପାଲି ଗ୍ରାମର ପ୍ରତିମା ଡୁଙ୍ଗଡୁଙ୍ଗ (୫୦) ଙ୍କ ମୃତ ଦେହ ଗ୍ରାମ ପୋଖରୀରୁ ଉଦ୍ଧାର ହୋଇଛି। ଯୁଯୁମୁରା ଅଗ୍ନିଶମ ବାହିନୀର କର୍ମଚାରୀ ଆସି ପାଣିରୁ ପ୍ରତିମାକୁ ଉଦ୍ଧାର କରି ପୁଲିସ ଜିମା ଦେଇଥିଲା। ଗ୍ରାମର ଲଳିତ ସାହୁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପ୍ରତିମାଙ୍କ ଗୋଟେ ଝିଅ ଓ ୬ ଝିଅ ଅଛନ୍ତି। ଘଟଣାକୁ ନେଇ ସ୍ୱାମୀ ଲାଜରୁସ ଦୁଙ୍ଗଡୁଙ୍ଗ ଅଭିଯୋଗ କରିଥିଲେ। ପୁଲିସ ଏକ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କୁଚିଣ୍ଡା ମହାବିଦ୍ୟାଳୟରେ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ

**କୁଚିଣ୍ଡା, ୧୯।୬(ସମିସ):** କୁଚିଣ୍ଡା ମହାବିଦ୍ୟାଳୟର ଅଡିଟୋରିୟମ ଠାରେ ମହାବିଦ୍ୟାଳୟର ଅଧକ୍ଷ୍ୟା ସୁଚିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସାଳୟର ଚିକତ୍ସା ଅଧିକାରୀ ଡା. ସୁବୋଧ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରକ୍ତ ଶିକୁଳିର କାରଣ, ଚିହ୍ନଟ କରିବାର ପ୍ରକ୍ରିୟା ତଥା ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ରସାୟନ ବିଜ୍ଞାନ ଓ ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଯଥାକ୍ରମେ ଡ.ସୁମନ୍ତ ପଟେଲ ଓ ସୁଭଦ୍ରା ଦାସ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗ ମୁଖ୍ୟ ଡ. ଅମିୟ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ଦେବା ସହିତ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏନ.ସି.ସି ଅଫିସର ରୋଶନ କୁଲୁ, ଯୁବ ରେଡ଼କ୍ରସ ଅଧିକାରୀ ଭିକାରୀ ଓରାମ, ଦିବ୍ୟ ନାଗ, ଝରଣା ସୁନା, ଏନଏନଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା, ପଦାର୍ଥ ବିଜ୍ଞ୍ୟାନ ବିଭାଗୀୟ ମୁଖ୍ୟ ମଞ୍ଜୁଶ୍ରୀ ଦାସ, ଅଧ୍ୟାପକ ପ୍ରମୋଦ ଦାସ, ମମତା ଟପ୍ପୋ, ଅର୍ଥନୀତି ବିଭାଗ ମୁଖ୍ୟ ଅଭିନ୍ନ କିଷାନ, ଅଧ୍ୟାପକ ମହାଦେବ ମେହେର, ଚନ୍ଦନ ଖଣ୍ଡଗିରି, ଜୀବ ବିଜ୍ଞ୍ୟାନ ବିଭାଗୀୟ ମୁଖ୍ୟ ସାର୍ଥକ ମିଶ୍ର, ଅଧ୍ୟାପିକା ରତୁପ୍ରିୟା ନାଏକ, ସୁଷମା ଦାସ, ଓଡ଼ିଆ ବିଭାଗ ଅଧ୍ୟାପିକା ମଞ୍ଜୁଶ୍ରୀ ଦାସ ଗଜମତି କୁମୁରା, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ସୁଧାଂଶୁ ମହାପାତ୍ରଙ୍କ ସହିତ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ଭୀମଭୋଇ କଲେଜରେ ବିଶ୍ୱ ସିକିଲ୍ ସେଲ୍ ସଚେତନତା ଦିବସ

**ରେଢ଼ାଖୋଲ, ୧୯।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ଠାରେ ଆଜି ବିଶ୍ୱ ରକ୍ତ ଶିକୁଳି ରୋଗ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ କଲେଜର ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଭାରେ ପ୍ରାଧ୍ୟାପକ ସୁପ୍ରିୟା କୁମାରୀ ମଲ୍ଲିକ ଏବଂ




ଅଧ୍ୟାପକ ସୁଶାନ୍ତ ନନ୍ଦ ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇ ରକ୍ତ ଶିକୁଳି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିଶଦ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶେଷତ୍ୱ ବିବାହ ପୂର୍ବରୁ ରକ୍ତ ପରୀକ୍ଷା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜର ଏନଏସଏସ ଅଧିକାରୀ ଅଧ୍ୟାପକ ବିରଞ୍ଚି ଖଡିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅକ୍ଷୟ କୁମାର କର ଏବଂ ପ୍ରାଧ୍ୟାପକ ଅରୁଣ କୁମାର ସାସନୀ ମଞ୍ଚାସିନ ରହିଥିଲେ। ଏଥିରେ ଶୋହନ ସୁନ୍ଦର ସାହୁ, ଶୁଭେନ୍ଦୁ ମେହେର ଓ ବବୁଲୁ ମାଝୀ ପ୍ରମୁଖ ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିବା ସହିତ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀମାନେ ଉପସ୍ଥିତ ରହି ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ଦକ୍ଷତାବିକାଶ ପାଇଁ ପରାମର୍ଶ ଓ ପଞ୍ଜୀକରଣ ଶିବିର



**ଯୁଯୁମୁରା, ୧୯।୬(ସମିସ):** ଯୁଯୋମୁରା ପଞ୍ଚାୟତ ଅଫିସ କାର୍ଯ୍ୟାଳୟରେ କିଶୋରୀ ବାଳିକା ମାନଙ୍କ ପାଇଁ ସରକାରୀ ଦକ୍ଷତା ବିକାଶ ଶିଳ୍ପ ତାଲିମ ଅନୁଷ୍ଠାନରେ ନାମଲେଖାଇବା ପାଇଁ ଏକ ନାମଲେଖା ପରାମର୍ଶ ଓ ପଞ୍ଜିକରଣ ଶିବିର ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମଟି ଦକ୍ଷତା ବିକାଶ ଶିଳ୍ପ ତାଲିମ ଅନୁଷ୍ଠାନ ହୀରାକୁଦ ଓ ଏଡ଼ ଏଟ ଆକ୍ସନ ୟୁନିସେଫର ମିଳିତ ସହଯୋଗ ରହିଥିଲା। ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଚିହ୍ନଟକରଣ ହୋଇଥିବା ଓ ଅଧାରୁ ପାଠ ଛାଡିଥିବା କିଶୋରୀ ବାଳିକାକୁ ଏହି ପରାମର୍ଶ ଓ ପଞ୍ଜୀକରଣ ଶିବିରରେ ନାମ ଲେଖାଇବା ପାଇଁ ବୁଝାଯାଇଥିଲା। ୫୧ ଜଣ କିଶୋରୀ ବାଳିକା, ଅଭିଭାବକ, ଅଙ୍ଗନୱାଡି କର୍ମୀ ଓ ଯୁଯୋମୁରା ବ୍ଲକ ସିଡିପିଓ ଏହି ଶିବିରରେ ଉପସ୍ଥିତ ଥିଲେ। ଏଡ଼ଏଟ ଆକ୍ସନ ୟୁନିସେଫର ବ୍ଲକ ସଂଯୋଜିକା ମିନାକ୍ଷୀ ରାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ସହାୟତାରେ ନାମଲେଖା ପରାମର୍ଶ ଓ ପଞ୍ଜୀକରଣ ଶିବିରଟି ସମ୍ପାଦନ କରାଯାଇଥିଲା। ସରକାରୀ ଶିଳ୍ପ ତାଲିମ୍ ସଉ ପ୍ରଶିକ୍ଷଣ ଅଧିକାରୀ ଶୁଭ୍ରକାନ୍ତ ରାଉତ, ସତ୍ୟଜିତ ସାହୁ, ଜିତରାୟ ମାର୍ଣ୍ଡି, ସଲିମ ମିଞ୍ଜ, ହିମାଂଶୁ ଭୂଷଣ ଦାସ ପଞ୍ଜୀକରଣ ପ୍ରକ୍ରିୟାକୁ ସମ୍ପାଦନ କରିଥିଲେ।

### କୁଚିଣ୍ଡା ଡାକ୍ତରଖାନରେ ଶୌଚାଳୟ ନାହିଁ

# ରୋଗୀ ତଥା ପରିଜନ ଘୋର ଅସୁବିଧାର ସମ୍ମୁଖୀନ

**କୁଚିଣ୍ଡା, ୧୯।୬(ସମିସ)**

ପଡୋଶୀ ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା ଅଞ୍ଚଳର ସୀମାନ୍ତବର୍ତ୍ତୀ ଅଞ୍ଚଳ ତଥା କୁଚିଣ୍ଡା ଆଭ୍ୟନ୍ତରୀଣ ଅଞ୍ଚଳ ଏକ ମାତ୍ର ଭରସା କୁଚିଣ୍ଡା ଉପଖଣ୍ଡ ସରକାରୀ ଡାକ୍ତରଖାନା। ଏହି ଡାକ୍ତରଖାନା ଉପରେ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ତନମଧ୍ୟରୁ ଅନେକ ମେଡିକାଲରେ ଭର୍ତ୍ତି ହୋଇଥାନ୍ତି। ଡାକ୍ତରଖାନାକୁ ଆସୁଥିବା ରୋଗୀ ତଥା ତାଙ୍କର ପରିଜନ ପରିଶ୍ରା, ଶୌଚ ଆଦି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। କାରଣ ଡାକ୍ତରଖାନା ପରିସରରେ ଥିବା ଶୌଚାଳୟକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଛି। ନୂତନ ଶୌଚାଳୟ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରର ୩ ମାସରୁ ଅଧିକ ଦିନ ହେବ ଦେଖାନାହିଁ। ପୁରୁଣା ପରିଶ୍ରାଗାର ଓ ଶୌଚଳାୟକୁ ଭାଙ୍ଗି ଏକ ନୂତନ ଶୌଚାଳୟ ନିର୍ମାଣ ଚାଲିଛି ଯେ ଏଯାଏଁ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଲୋକେ ଏଣେତେଣେ ଡାକ୍ତରଖାନା ପରିସରରେ



ଲଜ୍ୟା ତ୍ୟାଗ କରି ଝାଡା, ପରିଶ୍ରା କରିବାକୁ ପଛାଉ ନାହାନ୍ତି। ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଥମେ ନୂତନ କରିଥିବା ଶୌଚଳାୟକୁ କାର୍ଯ୍ୟକ୍ଷମ କରି ପୁରୁଣା ଶୌଚାଳୟକୁ ଭାଙ୍ଗିବାର ଥିଲା। ବିନା କାରଣରେ ପୁରୁଣା ଟାକୁ ଭାଙ୍ଗି ଜନ ସାଧାରଣଙ୍କୁ ହଇରାଣ କରିବା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଚକ୍ରାନ୍ତ ହୀନ ଉଦ୍ୟମ ନୁହେଁକି ବୋଲି ସାଧାରଣ ଲୋକେ କହୁଛନ୍ତି। ଏନେଇ ଡାକ୍ତରଖାନା ମେନେଜର ଦୀପକ ନନ୍ଦଙ୍କୁ ଫୋନ କରିବାର ଚେଷ୍ଟା କରିଥିବା ବେଳେ ଯୋଗଯୋଗ ହୋଇ ପାରିନଥିଲା। ଡାକ୍ତରଖାନା ସୁପରିଟେଣ୍ଡେନ ସୁବୋଧ କୁମାର ନାୟକଙ୍କୁ ପଚାରିବାରୁ କଣ କରିବେ ପୁରୁଣା ଶୌଚଳାୟ ଟିକୁ ଭଙ୍ଗା ନଯିବା କଥା ନୂତନ ଶୌଚଳାୟ କାର୍ଯ୍ୟକ୍ଷମ ପରେ ଭାଙ୍ଗିବାର ଥିଲା। ଠିକାଦାର ଏବଂ ପୂର୍ତ୍ତ ବିଭାଗକୁ ଏନେଇ ବାରମ୍ବାର କହିଲେ ମଧ୍ୟ ସେମାନେ ଏହାକୁ ଗୁରୁତ୍ୱ ଦେଉ ନାହାନ୍ତି। ଠିକାଦାର ତ ୩ ମାସ ହେବ ଆମ ସହିତ ଦେଖା ନ ନଦେଇ ଲୁଚକାଳି ଖେଳୁଛି ବୋଲି ନାୟକ ପ୍ରକାଶ କରିଥିଲେ।

ସକାଳ
THE SAKALA



### ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସାଂସଦ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ବରଗଡ଼, ୧୯।୬(ସମିସ)**

ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆଗାମୀ ବର୍ଷା ଋତୁରେ ବନ୍ୟା, ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ସହ ଶୂନ୍ୟ ମୃତ୍ୟୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଛି ଓ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହ ଅଧିକାରୀ ସୁଶାନ୍ତ ସିଂଙ୍କ ସମେତ ଜିଲ୍ଲାର ସମସ୍ତ ଲୋକ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, ଅଗ୍ନିଶମ, ଓଡ୍ରାଫ, ଜଙ୍ଗଲ ଓ ପରିବେଶ ଭିଭାଗ ଅଧିକାରୀ, ସମସ୍ତ ବିଡ଼ିଓ, ତହସିଲଦାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟା ର ମୁକାବିଲା ନିମନ୍ତେ ଆଗୁଆ ପଦକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀ ମାନେ ସଜାଗ ରହିବା, ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳି ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବା ଏବଂ ପାଣି ଜମିରହୁଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ନାଳ ଗୁଡିକୁ ସଫା କରିବା, ସୁବ୍ୟବସ୍ଥିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ, ପାଇପ ଜଳ ଯୋଗାଣ, କୂପ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା, ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଇତ୍ୟାଦି ମହଜୁଦ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାପ କାମୁଡା ଇଂଜେକସନ ଉପଲବ୍ଧ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।





ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟାପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବା, ବନ୍ୟା ପ୍ରବଣ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଚୂଡା, ଚାଉଳ, କିରୋସିନି, ଦିଆସିଲି, ମହମବତୀ ଇତ୍ୟାଦି ସାମଗ୍ରୀ ଯଥେଷ୍ଟ ପରିମାଣରେ ମହଜୁଦ କରି ରଖିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ତଥା ପରିମଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ପୌରପରିଷଦ ଏବଂ ଏନଏସି ଅନ୍ତର୍ଗତ ସମସ୍ତ ୱାର୍ଡ, ବସ୍ତିରେ ଥିବା ନାଳ ଗୁଡିକୁ ଯଥାଶୀଘ୍ର ସଫେଇ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେବା ସହ ସମ୍ଭାବ୍ୟ ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ନିମନ୍ତେ ଆଗୁଆ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ଔଷଧ ରଖିବା ଓ ଟୀକାକରଣ କରିବାକୁ ସିଡିଭିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଶ୍ରୀ ପୁରୋହିତ ଲୋକ ପ୍ରତିନିଧି ଏବଂ ସମସ୍ତ ବିଭଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି ସମସ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଜିଲ୍ଲାରେ ପାନୀୟ ଜଳ ଯୋଗାଣ, ପ୍ରଚୁର ପରିମାଣର ଖାଦ୍ୟ, ଔଷଧ, ଓଆରଏସ ମହଜୁଦ ରଖି ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ଉପସ୍ଥିତ ଥିବା ବେଳେ ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ବର୍ଷା ଋତୁ ପୂର୍ବରୁ ସମସ୍ତ ବିଭାଗୀୟ ଅଧିକାରୀ କିପରି ଆଗୁଆ ସତର୍କତା ଅବଲମ୍ବନ କରିବେ ସେ ନେଇ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବହୁ ସରକାରୀ ଅଧିକାରୀ ଅନୁପସ୍ଥିତ ଥିବା ଦେଖା ଯାଇଥିଲା। ବୈଠକ ପୂର୍ବରୁ ସମସ୍ତ ସରକାରୀ ବିଭାଗକୁ ସ୍ୱତନ୍ତ୍ର ଭାବରେ ଚିଠ କରାଯାଇଥିଲେ ମଧ୍ୟ କିଛି ଅଧିକାରୀ ଏହାକୁ ଗୁରୁତ୍ୱ ଦେଉନଥିବାରୁ ସାଂସଦ ଶ୍ରୀ ପୁରୋହିତ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଭାରତୀୟ କିସାନ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା



**ବରଗଡ଼, ୧୯।୬(ସମିସ):** ଭାରତୀୟ କିସାନ ସଂଘ, ଓଡ଼ିଶା ରାଜ୍ୟ ସମିତି ସଭାପତି ଶ୍ରୀମୁଖ ପ୍ରଧାନଙ୍କ ନେତୃତ୍ୱରେ ବରଗଡ଼ ଜିଲ୍ଲା ସଂଗଠନର କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ଦଳ ବରଗଡ଼ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହିତ ଧାନର ଏମ୍‌ଏସ୍‌ପି ଉପରେ କୁଇଣ୍ଟାଲ ପିଛା ଅତିରିକ୍ତ ୯୧୭ ଟଙ୍କା ପ୍ରଦାନ କରିବାକୁ ପ୍ରଥମ ବୈଠକରେ ନିଷ୍ପତ୍ତି ନେଇଥିବାରୁ ସଂଗଠନ ତରଫରୁ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର କୃତଜ୍ଞତା ଜ୍ଞାପନ ସହିତ ଉତ୍ତରୀୟ ପ୍ରଦାନ କରିଥିଲେ। କିସାନ ସଂଘ ଦିଲ୍ଲୀ ଓ ଭୁବନେଶ୍ୱରରେ କୃଷକ ଗର୍ଜନ ଶୋଭାଯାତ୍ରାର ସୁଫଳ ଓଡ଼ିଶା କୃଷକମାନେ ପାଇଛନ୍ତି ବୋଲି ପ୍ରତିନିଧି ମାନେ କହିଥିଲେ। ପ୍ରତିନିଧି ଦଳରେ ଜିଲ୍ଲା ସଭାପତି ପିତାମ୍ବର ସାହୁ, ପଞ୍ଚାନନ ଦଳପତି, ସୋମନାଥ ଭୋଇ, ଜଳନ୍ଧର ପ୍ରଧାନ, ସୁଶାନ୍ତ ପ୍ରଧାନ, ବଳରାମ ମେହେର, ଉକର କଳେତ, ଲିଙ୍ଗରାଜ ପୁରୋହିତ, ରାଜକୁମାର ମହାନନ୍ଦ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ପାଇକମାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ମିଳୁନାହିଁ



**ପାଇକମାଲ, ୧୯।୬ (ସମିସ) :** ପାଇକମାଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତ ଡିସେମ୍ବର ୨୦୨୩ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ଘୋଷଣରେ ହିଁ ରହିଯାଇଛି। ଏବେ ଏଠାରେ ଗୋଟିଏ ମଧ୍ୟ ସ୍ଥାୟୀ ଡାକ୍ତର ନାହାନ୍ତି। ଏଠାକୁ ଅନେକ ରୋଗୀ ଦୈନନ୍ଦିନ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ଏଠାରେ ଡାକ୍ତର ଅଭାଗ ଯୋଗୁଁ ଚିକିତ୍ସାରେ ସମସ୍ୟା ସୃଷ୍ଟି ହେଉଛି। ଜଣେ ଫାର୍ମାସିଷ୍ଟ ଦିନ ରାତି ଏଠାରେ କାର୍ଯ୍ୟ କରୁଥିବା ବେଳେ ଡାକ୍ତର ରହୁନଥିବା ଅଭିଯୋଗ ହେଉଛି। ୬ ମାସ ହେଲା ଏଠାରେ ୨ଜଣ ଡାକ୍ତରଙ୍କୁ ସପ୍ତାହରେ ୩ ଦିନ ପଦ୍ମପୁରୁ ଡେପୁଟେସନରେ ଆସି ଯୋଗଦାନ କରିଥିଲେ। ପ୍ରଥମେ ଏହି ଡାକ୍ତର ଠିକ୍ ସମୟରେ ଆସି ରୋଗୀସେବା କରୁଥିବା ବେଳେ ଏବେ ସପ୍ତାହକୁ ୩ ଦିନ ଆସି ରୋଗୀ ଦେଖୁଥିବା ଅଭିଯୋଗ ହେଉଛି। ଏନେଇ ବରଗଡ଼ ସିଡିଏମ୍‌ଓଙ୍କୁ ଫୋନ କରି ପ୍ରତିକ୍ରିୟା ଯାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ଗୋଦାବରୀ ମେହେରଙ୍କ ପରଲୋକ

**ବରଗଡ଼, ୧୯।୬(ସମିସ):** ବୁଧବାର ସକାଳେ ବରଗଡ଼ ଗଙ୍ଗାଧରନଗର ନିବାସୀ ଗୋଦାବରୀ ମେହେରଙ୍କ ପରଲୋକ ହୋଇଯାଇଛି।



ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହେଉଥିଲା। ସେ ବରଗଡ଼ ହସପିଟାଲରେ ଏଏନ୍‌ଏମ୍ ଭାବେ କାର୍ଯ୍ୟ କରି ୨୦୦୬ରେ ଅବସର ଗ୍ରହଣ କରିଥିଲେ। ତାଙ୍କ ପୁଅ ଦୀପକ ମେହେର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ମେହେରଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳି ଯାଇଛି।

# ସାମ୍ବାଦିକଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବରଗଡ଼, ୧୯।୬(ସମିସ) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଥମ ବରଗଡ଼ ଜିଲ୍ଲା ଗସ୍ତ ଅବସରରେ ଜର୍ନାଲିଷ୍ଟ ଏସୋସିଏସନ୍ ବରଗଡ଼ (ଜାବ) ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହିତ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ରବି ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସ୍ଥାନୀୟ ସର୍କିଟ ହାଉସ ଠାରେ ସାକ୍ଷାତ କରି ଓଡ଼ିଶାର ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ପାଇଁ ୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବି ଗୁଡ଼ିକ ମଧ୍ୟରେ ଓଡ଼ିଶାରେ ବର୍ତ୍ତମାନ ସାମ୍ବାଦିକ ମାନଙ୍କ ଉପରେ ସମାଜରେ ହେଉଥିବା ଆକ୍ରମଣ ଓ ଦୁର୍ବ୍ୟବହାର ଦୂର କରିବା ସକାଶେ ଓଡ଼ିଶାରେ ଖୁବ ଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ ବିଧାନସଭାରେ ପାରିତ କରି ଲାଗୁ କରାଯିବା, ସରକାର



ପକ୍ଷରୁ ସାମ୍ବାଦିକ ମାନଙ୍କୁ ଦିଆଯାଉଥିବା ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ଅନ୍ୟ ରାଜ୍ୟରେ ସାମ୍ବାଦିକଙ୍କୁ ଯେଭଳି ଅବସରକାଳୀନ ପେନସନ ଦିଆଯାଉଛି ଓଡ଼ିଶାରେ ମଧ୍ୟ ସାମ୍ବାଦିକ ମାନଙ୍କୁ ଅବସରକାଳୀନ ପେନସନ ଯୋଗାଇ ଦିଆଯିବା, ଓଡ଼ିଶାରେ ସାମ୍ବାଦିକ ମାନଙ୍କ ଉଚ୍ଚତର ଗବେଷଣା ସକାଶେ ଏକ ମିଡିଆ ଏକାଡେମୀ ସ୍ଥାପନ କରାଯିବା, ଗତ ୧୫ ବର୍ଷ ହେଲା ରାଜ୍ୟରେ ସାମ୍ବାଦିକ ଅଧିସ୍ୱୀକୃତି କମିଟି ନାହିଁ, ଏହି କମିଟିକୁ ତୁରନ୍ତ ଗଠନ କରାଯିବା, ବରଗଡ଼ ସଂଘ ଅଫିସ ଗୃହ ସକାଶେ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଜମି ଖଣ୍ଡିଏ ଯୋଗାଇ ଦେଇ ନାହାନ୍ତି ତେଣୁ ଜମି ଯୋଗାଇ ଦେବା ଓ ଗୃହ ନିର୍ମାଣ ପାଇଁ ଅର୍ଥିକ ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା। ପ୍ରତିନିଧି ମଣ୍ଡଳୀରେ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଜାତୀୟ କାର୍ଯ୍ୟକାରୀ ସଦସ୍ୟ ସୁରେଶ ଦାଶ, ଉପ- ସଭାପତି ପ୍ରଭୁ ଚରଣ ମହାନ୍ତି, ବଦ୍ରୀ ପ୍ରସାଦ ସାହୁ, ସୁନିଲ ମିଶ୍ର, ରମଣୀ ରଞ୍ଜନ ବେହେରା, ଲଲାଟେନ୍ଦୁ ଦାଶ, ବ୍ୟୋମକେଶ କର ପ୍ରମୁଖ ସାମିଲ ଥିଲେ।

## ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କଲେ ସମାଜସେବୀ ସଂଗଠନ

**ବରଗଡ଼, ୧୯।୬ (ସମିସ):** ବରଗଡ଼ ଜିଲ୍ଲାର ସୋହେଲା ବ୍ଲକ ଅନ୍ତର୍ଗତ ଦଶ ମାଇଲ ଅଞ୍ଚଳରେ ଦୀର୍ଘ ୨/୩ ଦିନ ହେବ ଜଣେ ଅଜଣା ବ୍ୟକ୍ତି ବୟସ ୫୫ ବର୍ଷ ପାଖାପାଖି ହେବ ବୁଲୁଥିବାର ଦେଖା ଯାଇଥିଲା। ଅସହାୟ ଅବସ୍ଥାରେ ଥିବା ଦେଖି ଦଶ ମାଇଲ ବିକାଶ ପରିଷଦ ସଭ୍ୟ ମାନେ ଗତକାଲି କିଛି ଖାଇବାକୁ ଦେଇଥିଲେ। ଉକ୍ତ ବ୍ୟକ୍ତିଙ୍କୁ ପଚରା ଉଚରା ବେଳେ ସେ ତେଲେଙ୍ଗାନା ରାଜ୍ୟ ୱାରଙ୍ଗଲର ବୋଲି କହିଥିଲା। ତାର



ନାମ ଦୟାକର ଓ ସେ ରେଳ ବିଭାଗ ରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା କହିଥିଲେ। ତାଙ୍କ ପାଖରେ ରେଳ ବିଭାଗର ଏକ ପରିଚୟପତ୍ର ମଧ୍ୟ ଥିବା ଦେଖା ଯାଇଥିଲା। ଦଶ ମାଇଲ ବିକାଶ ପରିଷଦର ସଭ୍ୟ ମାନେ ଏ ବିଷୟରେ ନିଷ୍ଠା ପରିବାରକୁ ଜଣାଇବା ପରେ ନିଷ୍ଠାର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀଙ୍କ ଉଦ୍ୟମରେ ତାଙ୍କୁ ଉଦ୍ଧାର କରାଯାଇ ନିଷ୍ଠା ଭବନରେ ରଖାଯାଇଛି। ଆସନ୍ତା ଶୁକ୍ରବାର ଦିନ ଏହି ବ୍ୟକ୍ତିଙ୍କୁ ତାଙ୍କ ଗ୍ରାମରେ ନେଇ ତାଙ୍କ ଘରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଯାହା ଖର୍ଚ୍ଚ ହେବ ନିଷ୍ଠା ପରିବାର ବହନ କରିବ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏମିତି ଏକ ମହତ୍ କାର୍ଯ୍ୟ ପାଇଁ ଦଶ ମାଇଲ ବିକାଶ ପରିଷଦ ଓ ନିଷ୍ଠା ପରିବାର ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ

**ପଦ୍ମପୁର, ୧୯।୬ (ସମିସ):** ପଦ୍ମପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସର ମଧ୍ୟରେ ବିଶ୍ୱ ରକ୍ତ ଶିକୁଳି ଦିବସ ଅଧ୍ୟକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରକ୍ତ ଶିକୁଳି ଏକ ମାରାତ୍ମକ ବଂଶଗତ ରୋଗ, ରକ୍ତ ତିଆରି କରୁଥିବା ଜିନର ଦୋଷ ତ୍ରୁଟି ଯୋଗୁଁ ରକ୍ତ କଣିକାର ଆକୃତି ଗୋଲାକୃତି ନହୋଇ ଦାଆ ଆକୃତି ଧାରଣ କରିବା ଯୋଗୁଁ ରୋଗୀ ଶରୀରରେ ଅନେକ ଜଟିଳତା ପ୍ରକାଶ ପାଇବା ସହ ଅକାଳରେ ମୃତ୍ୟୁ ମୁଖରେ ପଡ଼େ। ଭାରତ ସରକାରଙ୍କ ଏହି ସଚେତନତା ଅଭିଯାନ ଜୁନ୍ ୧୯ ରୁ ଆରମ୍ଭ ହୋଇ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୀବନରେ ପରିବର୍ତ୍ତନ ଆଣିବା, ରକ୍ତ ଶିକୁଳିକୁ ହରେଇବା, ମିଳିମିଶି ଆରୋଗ୍ୟକୁ ସୁନିଶ୍ଚିତ କରିବା ସମ୍ପର୍କରେ ଅଧ୍ୟାପିକା ସଙ୍ଗୀତା ଗୌନ୍ତିଆ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।



## ଅଭିମୁଖୀକରଣ ପ୍ରଶିକ୍ଷଣ ଉଦ୍‌ଘାଟିତ

**ପଦ୍ମପୁର, ୧୯।୬ (ସମିସ):** ପଦ୍ମପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସର ମଧ୍ୟରେ ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମି ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟର ସହଯୋଗରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ନୂତନ ଭାବେ ଯୋଗଦାନ କରିଥିବା ଜୁନିଅର ଆସିଷ୍ଟାଣ୍ଟ ମାନଙ୍କର ତିନି ଦିନିଆ ଅଭୀମୁଖିକରଣ ପ୍ରଶିକ୍ଷଣ କୋର୍ସ କୋଅର୍ଡିନେଟର ତଥା ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଯାଇଅଛି। ଏହି ସଭାରେ ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଏ.ବି.ଇ.ଓ ଜୟକୁମାର ସାହୁ ଓ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପେନସନ ରୁଲ୍, ସର୍ଭିସ୍ ରୁଲ୍ ଓ ଏନ୍. ପି.ଏସ୍ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବ ନିଯୁକ୍ତ ୪୦ ଜଣ ଜୁନିଅର ଆସିଷ୍ଟାଣ୍ଟ ଶିକ୍ଷକ ଯୋଗଦେଇଥିଲେ।

## ଓକିଲ ସଂଘ ତରଫରୁ ସାଂସଦଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୧୯।୬ (ସମିସ):** ପଦ୍ମପୁର ଓକିଲ ସଂଘର ସଭାପତି ଆନନ୍ଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସଂଘର ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନବନିର୍ବାଚିତ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଦସ୍ୟମାନେ ଅଞ୍ଚଳର ବିଭିନ୍ନ ବିଷୟ, ସମସ୍ୟା, ଆବଶ୍ୟକତା ଉପରେ ସାଂସଦ ମହୋଦୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରଗଡ଼ ରୁ ନୁଆପଡ଼ା ନୂତନ ରେଳ ଲାଇନ ଭାୟା ପଦ୍ମପୁର ବିଷୟ, କେନ୍ଦ୍ରୀୟ ବିଦ୍ୟାଳୟ, ପଦ୍ମପୁର ଜିଲ୍ଲା ବିଷୟ ନେଇ ଆଲୋଚନା ହେଇଥିଲା। ଅଞ୍ଚଳର ଉନ୍ନତି ପାଇଁ ସମସ୍ତ



ପ୍ରକାର ପଦକ୍ଷେପ ନେବେ ବୋଲି ଶ୍ରୀ ପୁରୋହିତ କହିଥିଲେ। ସଂଘର ବରିଷ୍ଠ ସଦସ୍ୟ ରାଧାବଲ୍ଲଭ ପାଣିଗ୍ରାହୀ, ଗୌନ୍ତିଆ କୁମାର ସାହୁ, ପରମେଶ୍ୱର ସାହୁ, ପ୍ରଦୀପ ଯୋଷୀ, ରାମରତନ ପୁରୋହିତ, ଆଶିଷ ମିଶ୍ର, ସୁଶାନ୍ତ ରଥ, ଅଜିତ ଶତପଥୀ, ସୁନିଲ୍ ଦାଶ୍, କେଶବ ସାହୁ, ପ୍ରଦୀପ ସାହୁ, ହରିଶଙ୍କର ସିଂହ, ରାଜକିଶୋର ସାହୁ, ଶାନ୍ତନୁ ତ୍ରିପାଠୀ, ସୁଶାନ୍ତ ସାହୁ, ରୋହିତ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଚିନ୍ମୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ପୁଣି ହଟିବ ବରଗଡ଼ ମୁଖ୍ୟ ରାସ୍ତାରୁ ଜବରଦଖଲ

# ପ୍ରଶସ୍ତ ହେବ ଲେଙ୍ଗୁମିଶ୍ର ଛକରୁ ଜୀରାବ୍ରିଜ ରାସ୍ତା !

**ବରଗଡ଼, ୧୯।୬(ସମିସ)**

ବରଗଡ଼ ସହରର ମୁଖ୍ୟ ରାସ୍ତା ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ହଟାଯାଇ ରାସ୍ତା ପ୍ରଶସ୍ତିକରଣ ହେବା ନେଇ ସୂଚନା ମିଳିଛି। ସହର ଭିତର ଦେଇ ଯାଇଥିବା ପୁରାତନ ଜାତୀୟ ରାଜପଥରେ ଜନସାଧାରଣ କୋଠାବାଡ଼ି, ଦୋକାନ କରି ଜବରଦଖଲ କରିଥିବା ଘଟଣାକୁ ନେଇ ହାଇକୋର୍ଟଙ୍କ ରାୟ ଆଧାରରେ ଜବରଦଖଲକାରୀ ମାନଙ୍କ ପକ୍ଷ ଶୁଣିବା ପରେ ପୌର ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଅପରପକ୍ଷେ ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କଠାରୁ ଅନୁମୋଦନ ଲୋଡ଼ାଯାଇଥିବା ସୂଚନା ମିଳିଛି। ସହର ମୁଖ୍ୟ ରାସ୍ତା ଏକଦା ଜାତୀୟ ରାଜପଥ ଥିବା ସହ କୋଲକୋତାରୁ ମୁମ୍ବାଇକୁ ସଂଯୋଗ କରୁଥିଲା। ତେବେ ସହରର ଜନସଂଖ୍ୟା ବୃଦ୍ଧି ସହ ବାଇପାସ ରାସ୍ତା ସହର ବାହାରେ ନିର୍ମାଣ କରାଯାଇଥିଲା। ଯାହାକୁ ନେଇ କିଛି ବ୍ୟକ୍ତିବିଶେଷ ତଥା ବ୍ୟବସାୟୀ ରାସ୍ତାକୁ ଅତିକ୍ରମ କରି ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ରାସ୍ତା ସଙ୍କୁଚିତ ହୋଇ ପଡ଼ିବା ସହ ଟ୍ରାଫିକ ସମସ୍ୟା ହେଉଥିଲା। ଏହାକୁ ନେଇ ବିଗତ ଦିନରେ ସମଲେଶ୍ୱରୀ ସଂଘ, ଓକିଲ ସଂଘ ସମେତ ବିଭିନ୍ନ ସଂଗଠନ ତରଫରୁ ଜବରଦଖଲ ହଟାଇ ରାସ୍ତା ପ୍ରଶସ୍ତିକରଣ ନେଇ ଦାବି ହୋଇ ଆସୁଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଉଚ୍ଛେଦ ଅଭିଯାନ ଆରମ୍ଭ



ଫାଇଲ ଫଟୋ

କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ଅଭିଯାନରେ କିଛି କୋଠା ଘର ଭଙ୍ଗାଯିବା ପରେ ହାଇକୋର୍ଟରୁ ରହିତାଦେଶ ଆସିବା ଯୋଗୁଁ ଏହି କାର୍ଯ୍ୟ ସ୍ଥଗିତ ରହିଥିଲା। ବହୁ ପର୍ଯ୍ୟାୟରେ ହାଇକୋର୍ଟରେ ଶୁଣାଣି ହେବା ପରେ କୋର୍ଟ ଚୂଡାନ୍ତ ରାୟରେ ପର୍ଯ୍ୟାପ୍ତ ସମୟ ଦେଇ ସମସ୍ତ କାଗଜପତ୍ର ପୁଣି ଥରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ପୁଣି ଥରେ ଗତ ଫେବୃୟାରୀ ୨୦ ତାରିଖରେ ପୌରପରିଷଦ ପକ୍ଷରୁ ୫୮ ଜଣଙ୍କୁ ନୋଟିସ ଦିଆଯାଇଥିଲା ଏବଂ ମାର୍ଚ୍ଚ ମାସ ୧୯ ଓ ୨୦ ତାରିଖ ଦିନ ନୋଟିସ ପାଇଥିବା ବ୍ୟକ୍ତିମାନେ ନିଜର କାଗଜ ପତ୍ର ଦାଖଲ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହର ପ୍ରସାଦ ଭୋଇ ଓ ପୌର କର୍ମଚାରୀ ଚିତ୍ତରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ହାଇକୋର୍ଟଙ୍କ ରାୟ ଅନୁସାରେ ପ୍ରତ୍ୟେକ ଜବରଦଖଲକାରୀଙ୍କଠାରୁ ତାଙ୍କର କାଗଜପତ୍ର ରଖିବା ସହ ଆଲୋଚନା କରିଥିଲେ। ପରେ ପୌର ବିଭାଗ ତରଫରୁ ପ୍ରାପ୍ତ କାଗଜପତ୍ରର ଭେରିଫିକେସନ ପାଇଁ ଜିଲ୍ଲା ପ୍ରଶାସନର ଅନୁମୋଦନକ୍ରମେ ଏଜିପିଙ୍କ ମତାମତ ଲୋଡ଼ାଯାଇଥିବା ବେଳେ ଜାତୀୟ ରାଜପଥ ଉପରେ କୌଣସି ପ୍ରକାର ଜବରଦଖଲ ଗ୍ରହଣୀୟନଥିବା ଦର୍ଶାଇ ଏଜିପି ଜବରଦଖଲ ହଟାଇବାକୁ ସୁପାରିଶ କରିଥିଲେ। ଯାହାକୁ ନେଇ ପୌର ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଜବରଦଖଲ ହଟାଇବାକୁ ପ୍ରସ୍ତୁତି ଚଳାଇଥିବା ବେଳେ ଲାଗୁ ହୋଇଥିବା ନିର୍ବାଚନ ଆଚରଣବିଧି ପାଇଁ ପ୍ରକ୍ରିୟା ସ୍ଥଗିତ ଥିଲା। ଆଚରଣବିଧି ଉଠିବା ପରେ ପୌରବିଭାଗ ପକ୍ଷରୁ ଏନେଇ ତତ୍ପରତା ଆରମ୍ଭ ହୋଇଛି। ହାଇକୋର୍ଟର ରାୟ ଯୋଗୁଁ ସ୍ଥଗିତ ରହିଥିବା ଲେଙ୍ଗୁ ମିଶ୍ର ଛକରୁ ଜୀରା ନଦୀ ପର୍ଯ୍ୟନ୍ତ ଜବରଦଖଲ ପୁଣି ସେହି ହାଇକୋର୍ଟଙ୍କ ରାୟ ବଳରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଜଣାପଡ଼ିଛି।

## ୨୬ରେ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ନିର୍ବାଚନ

# ପ୍ରାର୍ଥୀପତ୍ର ଯାଞ୍ଚ ସରିଲା; ୫ ଆସନ ପାଇଁ ୧୭ ପ୍ରାର୍ଥୀ

**ବ୍ରଜରାଜନଗର, ୧୯ ।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥାନୀୟ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୬ ତାରିଖରେ ହେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୬ ତାରିଖ ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପୁରୁଣା କାର୍ଯ୍ୟକାରିଣି ଭଙ୍ଗା ଯାଇଛି। ସମୁଦାୟ ୫ଟି ପଦବୀ ଯଥା ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୧୭ ଓ ୧୮ ତାରିଖ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିଲା। ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି। ସମୁଦାୟ ୫ ଟି ପଦବୀ ପାଇଁ ୧୭ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉପ ସଭାପତି ପାଇଁ ୩ ଜଣ, ସାଧାରଣ ସମ୍ପାଦକ ପାଇଁ ୩ ଜଣ, କୋଷାଧ୍ୟକ୍ଷ ପଦ ପାଇଁ ୫ ଜଣ, ଯୁଗ୍ମ ସମ୍ପାଦକ ପାଇଁ ୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀ ମାନଙ୍କୁ ସେମାନଙ୍କ ନିର୍ବାଚନ ଚିହ୍ନ ପ୍ରଦାନ କରାଯାଇଛି। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାୟକ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଟ୍ରକ୍ ମାଲିକ ସଂଘରେ ୭୬୦ ଜଣ ସଦସ୍ୟ ଆସନ୍ତା ୨୬ ତାରିଖ ସଂଘର ୫ ଜଣ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରିବେ।

# ଝାରସୁଗୁଡ଼ାରେ ଗ୍ରୀଷ୍ମପ୍ରବାହ ଜାରି; ଜନଜୀବନ ଅସ୍ତବ୍ୟସ୍ତ

**ଝାରସୁଗୁଡ଼ା, ୧୯।୬(ସମିସ)**

ଗତ ପାଞ୍ଚ ଦିନ ତଳେ ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଫଳରେ ପ୍ରବଳ ଗରମରୁ ଲୋକେ ଆଶ୍ୱସ୍ତି ଲାଭ କରିଥିଲେ। ହେଲେ ଗତ ରବିବାରଠାରୁ ସହର ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ଗରମ୍ ସାଙ୍ଗକୁ ଗୁଳୁଗୁଳି ହେବା ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ଦେଖାଯାଉଛି। ପ୍ରବଳ ଗରମ ଯୋଗୁଁ ଦିନ ଦଶଟା ପରେ ମୁଖ୍ୟ ରାସ୍ତା ଖାଁ ଖାଁ ଲାଗୁଥିବା ବେଳେ ଲୋକେ ଡହଳବିକଳ ହେଉଥିବାର ପରିଲକ୍ଷିତ ହେଉଛି। ପ୍ରବଳ ଗରମ ଯୋଗୁଁ ନଦୀ, ନାଳ ଓ ପୋଖରୀ ପାଣି ଶୁଖିବାରୁ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଗତ ୧୫ ତାରିଖରୁ



ସହରରେ ପୌର ପରିଷଦ ପକ୍ଷରୁ ଜଳଛତ୍ର ବନ୍ଦ ହୋଇଥିବା ବେଳେ ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ର ଛାତ୍ରୀଙ୍କ ସମେତ ବାଟୋଇ ଯିବାଆସିବା ସମୟରେ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ଅନ୍ୟପଟେ ପ୍ରବଳ ଗରମ ଯୋଗୁଁ ଶିକ୍ଷାନୁଷ୍ଠାନ ସମେତ ଘରୋଇ କାମରେ ଶ୍ରମିକମାନେ କାମ କରୁଥିବା ବେଳେ ଘରୋଇ ବସ୍ ଗୁଡିକରେ ଓଆରଏସ୍ ଓ ଥଣ୍ଡା ପାଣି ମହଜୁଦ ରଖାଯାଉନାହିଁ। ପଶୁପକ୍ଷୀ ମଧ୍ୟ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। ଗତ ଦୁଇଦିନ ହେବ ସହର ସମେତ ଆଖପାଖ ଅଞ୍ଚଳରେ ତାପମାତ୍ରା ୪୦ ଡ଼ିଗ୍ରୀ ଉପରେ ରହୁଥିବା ବେଳେ ସହରରେ ଡୁହାକୁଡୁହା ବିଦ୍ୟୁତ କାଟ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବଡ଼ମାଲ ଅଞ୍ଚଳରେ ବିଦ୍ୟୁତ୍ କାଟ୍

**ଝାରସୁଗୁଡ଼ା, ୧୯।୬(ସମିସ):** ଝାରସୁଗୁଡ଼ା ସହର ଉପକଣ୍ଠ ବଡ଼ମାଲ ଅଞ୍ଚଳରେ ଦୀର୍ଘ ଦିନରୁ ବିଦ୍ୟୁତ କାଟ ହେଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ଆଠରୁ ଦଶ ଘଣ୍ଟା ବିଦ୍ୟୁତ କାଟ ହେଉଥିବାର ପରିଲକ୍ଷିତ ହେଉଛି। ଗତ କିଛି ଦିନ ହେବ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ହେଉଥିବା ବେଳେ ଲୋକେ ହସ୍ତତନ୍ତ ହେଉଛନ୍ତି। ବଡ଼ମାଲ ଅଞ୍ଚଳରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହିତ ଅନେକ ଟ୍ରାନ୍ସପୋର୍ଟର ଥିବାବେଳେ ସରକାରୀ ଓ ବେସରକାରୀ କାର୍ଯ୍ୟ ସମୟରେ କର୍ମଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସମୟରେ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ସୁଧା ବିଦ୍ୟୁତ ଅଧିକାରୀ ଚୁପ୍ ରହୁଥିବା ପରିଲକ୍ଷିତ ହେଉଛି। ଆଗାମୀ ଦିନରେ ଯଦି ଏପରି ବିଦୁତ କାଟ ହୁଏ ତାହାହେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସୂଚନା ମିଳୁଛି।

## ଚାନ୍ଦନୀମାଲ ଆର୍ଆଇ ଅଫିସରୁ ପୁଣି ଚୋରି

**ବ୍ରଜରାଜନଗର, ୧୯ ।୬ (ସମିସ):** ଝାରସୁଗୁଡ଼ା ତହସିଲ ଅଧୀନ ଚାନ୍ଦନୀମାଲ ଆରଆଇ ଅଫିସରୁ ପୁଣି ଚୋରି ହୋଇଛି। ଏ ନେଇ ରାଜସ୍ୱ ନିରୀକ୍ଷକ ଜଗା ବଳିଆ ସାହୁ ଗାନ୍ଧିଛକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ ସାହୁ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଗେଟ୍ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରକୁ ଯିବାରୁ ଆଲମିରା ଓ ଲକର ଭାଙ୍ଗି ୩୪୪୦ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହାସହ ମୂଲ୍ୟବାନ ଦସ୍ତାବିଜ ଏଣେତେଣେ ଫୋପଡ଼ା ହୋଇଥିବା ଦେଖିଥିଲେ। ଏହାପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ସେପ୍ଟେମ୍ବର ୧ରେ ମଧ୍ୟ ଚାନ୍ଦନୀମାଲ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ତାଲା ଭାଙ୍ଗି ୪ଟି ସିଲିଂ ଫ୍ୟାନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ରାଜସ୍ୱ ନିରୀକ୍ଷକ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

## ଓରିଏଣ୍ଟ ସବ୍‌ଷ୍ଟେସନରୁ ବିଦ୍ୟୁତ୍ ଉପକରଣ ଚୋରି

**ବ୍ରଜରାଜନଗର, ୧୯ ।୬(ସମିସ):** ବ୍ରଜରାଜନଗର ମଣ୍ଡଳିଆସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟ ପଛ ପଟେ ଥିବା ଓରିଏଣ୍ଟ ସବ୍ ଷ୍ଟେସନ ଭିସିଭି କକ୍ଷରୁ ଦୀପକ ମୁଣ୍ଡା ନାମକ ବ୍ୟକ୍ତି ବିଦ୍ୟୁତ୍ ଉପକରଣ ଚୋରି କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଏମ୍‌ସିଏଲ ଇବ୍ ଭ୍ୟାଲି କ୍ଷେତ୍ର ସୁରକ୍ଷା ମ୍ୟାନେଜର ଅମିତ ନୁନାନୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଗତ ୧୮ ତାରିଖ ଓରିଏଣ୍ଟ ସବ୍ ଷ୍ଟେସନ ଭିସିଭି କକ୍ଷରୁ ଦୀପକ ବିଦ୍ୟୁତ୍ ଉପକରଣ ଚୋରି କରୁଥିବା ସମୟରେ ଠିକାଦାର ରାଜେନ୍ଦ୍ର ସ୍ୱାଇଁ ଓ ସୁରକ୍ଷା କର୍ମୀ ଭଗବତୀ ପ୍ରସାଦ ଯାଦବ ତାକୁ ଧରିଥିଲେ। ତା ନିକଟରୁ ତାଲା ଭଙ୍ଗା ଓ ବିଦ୍ୟୁତ ତାର କାଟିବା ପାଇଁ ବ୍ୟବହୃତ ଉପକରଣ ମିଳିଥିଲା। ଏହା ପରେ ଏମସିଏଲ ଇବ୍ ଭ୍ୟାଲି କ୍ଷେତ୍ର ସୁରକ୍ଷା ମ୍ୟାନେଜର ତାକୁ ନେଇ ଥାନାରେ ଅଭିଯୋଗ କରିଥିଲେ।

## ମା' ରମ୍ଭାଦେବୀଙ୍କ ଯାତ୍ରା

**ଦେବଗଡ଼, ୧୯ ।୬(ସମିସ):** ରମ୍ଭା ଦେବୀ ସଂରକ୍ଷିତ ଜଙ୍ଗଲ ପର୍ବତ ଗୁମ୍ଫାରେ ପୂଜା ପାଉଥିବା ମା' ରମ୍ଭାଦେବୀଙ୍କ ପ୍ରସିଦ୍ଧ ଯାତ୍ରା ମହାସାମାରୋହରେ ଅନୁଷ୍ଠିତ ହୋଇଛି। ତିଳେଇବଣି ବ୍ଲକ ବାସୁଦେବପୁର ଗ୍ରାମରେ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ପାହାଡ ଗୁମ୍ଫାରେ ମା'ଙ୍କ ଏହି ପୀଠ ଜିଲ୍ଲାର ଅନ୍ୟତମ ଦେବୀ ପୀଠ ଭାବେ ଜଣାଶୁଣା। ମନସ୍କାମନା ପୂରଣ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରଥମେ ସୁଗୁଡା ଗ୍ରାମରେ ଥିବା ମା'ଙ୍କ ଆସ୍ଥାନରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ପୂଜକ ଶଙ୍ଖ, ଘଣ୍ଟର ତାଳେ ତାଳେ ଭକ୍ତଙ୍କ ସହ ପାହାଡି ରାସ୍ତା ଦେଇ ମା'ଙ୍କ ପୀଠ ପାହାଡ ଗୁମ୍ଫାରେ ପହଞ୍ଚିଥିଲେ। ସେଠାରେ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା।



### ■ ପୋଖରୀରେ ବିଷ ପକାଇବା ଘଟଣା

# ଭୟରେ ଗାଧୋଉନାହାନ୍ତି ଲୋକେ

**ଝାରସୁଗୁଡ଼ା, ୧୯।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଖୁନ୍ତାମାଲ ଗ୍ରାମର ଗାଧୁଆ ପୋଖରୀରେ ଭୟରେ କେହି ଗାଧୋଉନାହାନ୍ତି। ପୂର୍ବରୁ କେହି ଦୁର୍ବୃତ୍ତ ଉକ୍ତ ପୋଖରୀରେ ବିଷ ପକାଇ ଦେଇଥିବାରୁ ହଜାର ହଜାର ମାଛ ମରିଯାଇଥିବା ବେଳେ କମଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଲକ୍ଷଲକ୍ଷ ଟଙ୍କା କ୍ଷତି ହୋଇଛି। ସେମାନେ ଋଣ ଟଙ୍କା ପରିଶୋଧ କରିବା ଚିନ୍ତାରେ ରହିଛନ୍ତି। ଅନ୍ୟପଟେ ଉକ୍ତ ପୋଖରୀରେ ବିଷର ଦୁର୍ଗନ୍ଧ ହେଉଛି। କେତେଜଣ ପୋଖରୀରେ ବିଷ ପଡ଼ିଥିବା ନ ଜାଣି ଗାଧୋଇଥିବାରୁ ଚର୍ମରୋଗରେ ପୀଡ଼ିତ ହୋଇଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଅବ୍ୟଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।



## ନାବାଳିକାକୁ ଦୁଷ୍କର୍ମ ମାମଲାରେ ଜେଲ୍ ଗଲା ଅଭିଯୁକ୍ତ

**ଦେବଗଡ଼, ୧୯ ।୬(ସମିସ):** ବାରକୋଟ ଥାନା ଅଞ୍ଚଳରେ ଜଣେ ୧୫ ବର୍ଷର ନାବାଳିକାକୁ ପ୍ରେମ ଆଳରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗରେ ବାରକୋଟ ଥାନା ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରିଛି। ତେବେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସିଙ୍ଗୁରି ଗ୍ରାମର ସୋହନ ପ୍ରଧାନ (୨୩) ଜଣେ ନାବାଳିକାକୁ ପ୍ରେମ ଆଳରେ ଅନିଚ୍ଛା ସତ୍ୱେ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିବା ଜାଣି ନାବାଳିକାର ପରିବାର ଲୋକ ଅଭିଯୁକ୍ତକୁ ତାଗିଦ କରିବା ସହ ନାବାଳିକାକୁ ତା' ମାମୁଁ ଘରକୁ ପଠାଇ ଦେଇଥିଲେ; ମାତ୍ର ଅଭିଯୁକ୍ତ ସୋହନ ସେଠାରେ ପହଞ୍ଚି ନାବାଳିକା ସହ ଶାରୀରିକ ସମ୍ପର୍କ ରଖିବା ସହ ସମ୍ବଲପୁର ନେବା ଆଳରେ ନାବାଳିକା ମାମୁଁ ଘରୁ ଧରି ଫେରାର ହୋଇଯାଇଥିଲା। ଦେବଗଡ଼ ଥାନା ସୁନାମୁଣ୍ଡା ଗ୍ରାମରେ ଜଣେ ସମ୍ପର୍କୀୟ ଘରେ ଥିବା ଜାଣି ଉଦ୍ଧାର କରିବା ସହ ଏ ନେଇ ନାବାଳିକାର ମା' ଗତ ସୋମବାର ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## କୁଣ୍ଡେଇଗୋଲା ଜଗନ୍ନାଥ ମନ୍ଦିରର ରତ୍ନମୁଦ

**ଦେବଗଡ଼, ୧୯ ।୬(ସମିସ):** ରିଆମାଳ ବ୍ଲକ କୁଣ୍ଡେଇଗୋଲା ଗ୍ରାମରେ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଗ୍ରାମର ଶତାଧିକ ମହିଳା ଟିକିରା ନଦୀରୁ କଳସରେ ଜଳ ଭର୍ତ୍ତି କରିବା ପରେ ପୁରୋହିତ ବରୁଣ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ କଳସ ଯାତ୍ରା ଆରମ୍ଭ ହୋଇଥିଲା। କୀର୍ତ୍ତନ ମଣ୍ଡଳୀ ଓ ଘଣ୍ଟ ବାଦ୍ୟ ମଧ୍ୟରେ କଳସ ଯାତ୍ରା ଜଗନ୍ନାଥ ମନ୍ଦିର ପରିସରକୁ ଆସିଥିଲା। ପିତାମ୍ବର ଶତପଥୀ ଓ ଅଭିରାମ ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ଭକ୍ତ ମାନେ ମନ୍ଦିର ଗର୍ଭରେ ଶସ୍ୟ ଓ ଧାତୁ ଆଦି ସମର୍ପଣ କରିବା ପରେ ମନ୍ଦିର କାରିଗର ବିଷ୍ଣୁ ଚରଣ ମହାପାତ୍ର ଓ ଯୁଧିଷ୍ଠିର ମହାପାତ୍ର ରତ୍ନ ମୁଦ କାର୍ଯ୍ୟ ସମାପନ କରିଥିଲେ। ମନ୍ଦିର ଆବାହକ ଅଞ୍ଜନ ସାହୁ ଓ ଶରତ ପାଇକରାୟଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରୀତିରଞ୍ଜନ ଦଳବେହେରା ଓ ତାଙ୍କ ପତ୍ନୀ କୁନିତା ସାହୁ କର୍ତ୍ତା ଥିଲେ। କୁଣ୍ଡେଇଗୋଲା, ଗୁରୁବାହାଲ, ପଦମପୁର ଆଦି ୧୫ଟି କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଚନ୍ଦ୍ରଶେଖର ସାହୁ, ଶ୍ରୀକର ସାହୁ, ଦେବେନ୍ଦ୍ର ପ୍ରଧାନ, ବିଦ୍ୟୁତ୍‌ଲତା ଦଳବେହେରା, ମିକି ଦଳବେହେରା, ପିତାମ୍ବର ସାହୁ, ଜୟକୃଷ୍ଣ ପ୍ରଧାନ, ନିତ୍ୟାନନ୍ଦ ଧଳ ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର ପୂଜକ ଗଦାଧର ଦାସ ଓ ବିଦ୍ୟାଧର ଦାସ ସହଯୋଗ କରିଥିଲେ।

## ସନ୍ତୋଷ ମିଶ୍ର ରାଜ୍ୟ ସାମ୍ବାଦିକ ସଂଘର ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧ୍ୟକ୍ଷ

**ଝାରସୁଗୁଡ଼ା, ୧୯।୬ (ସମିସ):** ଭୁବନେଶ୍ୱରସ୍ଥିତ ଗୋଦାବରିଶ ସାହିତ୍ୟ ସଂସଦ ସଭାଗୃହରେ ରାଜ୍ୟ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ାର ବରିଷ୍ଠ ସାମ୍ବାଦିକ ସନ୍ତୋଷ ମିଶ୍ରଙ୍କୁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଭାବରେ ମନୋନୀତ କରାଯାଇଛି। ଏହି ଅସସରରେ ରାଜ୍ୟ ସାମ୍ବାଦିକ ସଂଘର ସଭାପତି କୈଳାସ ନାୟକ, ସମ୍ପାଦକ ପ୍ରଶାନ୍ତ ପାଢ଼ୀ, ଉପସଭାପତି କୀର୍ତ୍ତିଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଉପସ୍ଥିତ ଥିଲେ।



## ଆଦାନି କୌଶଳବିକାଶ କେନ୍ଦ୍ରରେ ସାର୍ଟିଫିକେଟ୍ ବିତରଣ କାର୍ଯ୍ୟକ୍ରମ

**ବରଗଡ଼, ୧୯। ୬(ସମିସ):** ବରଗଡ଼ ଆଦାନୀ କୌଶଳ ବିକାଶ କେନ୍ଦ୍ର ଠାରେ ୪୭ ଜଣଙ୍କୁ ୩ ମାସ ହେବ ଅସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ କୋର୍ସ ଟ୍ରେନିଂ ଦିଆଯାଉଥିଲା। ସମସ୍ତେ ସଫଳତା ସହ ନିଜ କୋର୍ସ କରି ସାରିବା ପରେ ଆଜି ସମସ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଗତ ବର୍ଷ ୨୦୦ ଜଣ ତାଲିମ ନେଇଥିବା ବେଳେ ୯୦ ଜଣ ରାଜ୍ୟର ବିଭିନ୍ନ ସଂସ୍ଥାରେ ୧୬ ହଜାର ୫୦୦ ଟଙ୍କା ଦରମାରେ ଚାକିରି କରୁଛନ୍ତି। ଏହି ସାର୍ଟିଫିକେଟ ବିତରଣ ଉତ୍ସବରେ 'ଆଦାନୀ ଗ୍ରୁପ୍ ବରଗଡ଼ ପ୍ଲାଣ୍ଟ ହେଡ୍ ସୁକାନ୍ତ ସାମନ୍ତ ଓ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ରହି ସାର୍ଟିଫିକେଟ ପ୍ରଦାନ କରିଥିଲେ।



## ଗଜରାଜ ଆତଙ୍କ; ଲୋକମାନେ ପଦାକୁ ବାହାରୁ ନାହାନ୍ତି

**ଝାରବନ୍ଧ, ୧୯ ।୬(ସମିସ):** ଝାରବନ୍ଧ ବ୍ଲକ ଗୋଠୁଗୁଡା ଗ୍ରାମପଞ୍ଚାୟତ ସଲଡିହି ଗ୍ରାମର ସ୍କୁଲପଡ଼ାର ବିପିନ ବରିହାଙ୍କ ସ୍ତ୍ରୀ, ଝିଅ ଏବଂ ପୁଅ ହାତୀ ଆକ୍ରମଣ ଯୋଗୁଁ ମୃତ୍ୟୁ ଘଟିବା ପରେ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ହାତୀ ଏହି ଅଞ୍ଚଳରେ ଘୁରି ବୁଲୁଛନ୍ତି। ବନ ବିଭାଗ କର୍ମଚାରୀ ଦିନରାତି ହାତୀର ସ୍ଥିତି ଉପରେ ଖବର ରଖୁଛନ୍ତି। ପ୍ରବଳ ତାତି ଓ ଗୁଳୁଗୁଳି ସତ୍ତ୍ୱେ ଲୋକମାନେ ଭୟରେ ବାହାରେ ଶୋଇବାକୁ ସାହସ କରୁନାହାନ୍ତି। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ଗୋବର୍ଦ୍ଧନ ଭୋଏ, ଝାରବନ୍ଧ ବ୍ଲକ ସଭାପତି ଚୈତନ୍ୟ ପ୍ରସାଦ ବରିହା, ଗୋଠୁଗୁଡ଼ା ପଞ୍ଚାୟତର ବିଜେପି ପ୍ରମୁଖ ଦୋଳଚନ୍ଦ୍ର ସାହୁ ଓ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଝାରବନ୍ଧ ବ୍ଲକର ସମସ୍ତ ସଦସ୍ୟ ଓ ବିଜେପି ସଦସ୍ୟ ମାନେ ସ୍ଥିତି ଅନୁଧ୍ୟାନ କରି ସରକାରୀ ସହଯୋଗ ଯୋଗାଇ ଦେବାକୁ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଭୋଏ ସଲଡିହି ଗ୍ରାମକୁ ଯାଇ ଆହତ ବିପିନ ବରିହା, ପୁଅ ମଣ୍ଟୁ ବରିହାଙ୍କୁ ସାକ୍ଷାତ କରି କ୍ଷତିଗ୍ରସ୍ତଙ୍କ ଘର ଦେଖିଥିଲେ।



## ଚିକିତ୍ସାଳୟ ସମସ୍ୟାର ସମାଧାନ ପାଇଁ ଆଲୋଚନା

**ପଦ୍ମପୁର, ୧୯।୬ (ସମିସ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଓଡ଼ିଶାର ଉପାନ୍ତ ଅଞ୍ଚଳ ଓ ସୀମାନ୍ତ ଛତିଶଗଡ଼ର ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ଆସିଥାନ୍ତି। କିନ୍ତୁ ଆଶାନୁରୂପ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ନେଇ ବହୁବାର ଅଭିଯୋଗ ହୋଇଆସୁଛି। ଏଠାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ, ପରିମଳ ବ୍ୟବସ୍ଥା, ରୋଗୀ ଓ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଉପରେ ଉପ ଖଣ୍ଡ ଚିକିତ୍ସାଧିକାରୀ ଡା. ଆଶୁତୋଷ ହୋତାଙ୍କ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଲୋଚନା କରାଯାଇଛି। ସହରର ବିଭିନ୍ନ ପ୍ରମୁଖ ପ୍ରତିଷ୍ଠାନର ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ଓକିଲ ସଂଘ ସଭାପତି ଆନନ୍ଦ ପଣ୍ଡା, ଆଶା ସତ୍କାର ସଭାପତି ନିରୋଜ ଦୋରା ଚିକିତ୍ସାଳୟକୁ ଯାଇ ସମସ୍ୟାର ସମାଧାନ ଓ ରୋଗୀ ସେବାକୁ ପ୍ରାଧାନ୍ୟ ଦେବାକୁ କହିଥିଲେ। ତାର ପ୍ରତ୍ୟୁତ୍ତରରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା.ହୋତା ସମସ୍ତ ଡାକ୍ତର ଓ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସୀମାନ୍ତରେ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀସ୍ତରୀୟ ସାମୂହିକ ଅଭ୍ୟାସ

**ଝାରସୁଗୁଡ଼ା, ୧୯।୬(ସମିସ):** ପ୍ରାକୃତିକ ବିପର୍ଯ୍ୟୟର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଜିଲ୍ଲା ପ୍ରଶାସନ ତରଫରୁ ବୁଧବାର ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ କନକତୋରା ବନ୍ୟା ଆଶ୍ରୟସ୍ଥଳ ପ୍ରାଙ୍ଗଣରେ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀସ୍ତରୀୟ ଏକ କାର୍ଯ୍ୟାଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ନୋଡାଲ ଅଫିସର ଶୁଭମ ତମାଙ୍ଗ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଲଖନପୁର ବିଡିଓ ବିନୟ କୁମାର ପଟେଲ, ଏବିଡିଓ ଗୋପାଳ କୃଷ୍ଣ ମିଶ୍ର, ସିଡିପିଓ ଲକ୍ଷ୍ମୀପ୍ରିୟା ବୋହିଦାର, ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ଚୈନୀ, ପିଇଓ ସୁମନ୍ତ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ପଞ୍ଚାୟତସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟିର ସଭ୍ୟ/ସଭ୍ୟା, ଆଶା କର୍ମୀ, ଅଙ୍ଗନଓାଡି କର୍ମୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏବଂ ୱାର୍ଡ଼ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ। ଏହି ଅଭ୍ୟାସ କାର୍ଯ୍ୟକ୍ରମ ମାଧ୍ୟମରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବିଭିନ୍ନ କୌଶଳ ମାଧ୍ୟମରେ କୌଣସି ପ୍ରକାର ଆପାତକାଳୀନ ଦୁର୍ଘଟଣା ଘଟିଲେ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ହେଲେ ତାହାର ମୁକାବିଲା କିଭଳି କରିବା ଓ ଲୋକମାନଙ୍କୁ କିପରି ସୁରକ୍ଷିତ ଉଦ୍ଧାର କରିବା ତଥା ସୁରକ୍ଷା ପ୍ରଦାନ କରିପାରିବା ତାହା ସୁନ୍ଦର ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହା ସହ ବନ୍ୟା ଆଶ୍ରୟସ୍ଥଳର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପ୍ରତି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ବ୍ୟତୀତ ଯନ୍ତ୍ରଚାଳିତ କରତ, ଷ୍ଟ୍ରେଚର, ଲାଇଫ୍ ଜ୍ୟାକେଟ ଇତ୍ୟାଦି ଉପକରଣର ବ୍ୟବହାର ସମ୍ବନ୍ଧୀୟ ଅଭ୍ୟାସ ଏବଂ ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କୁ ସନ୍ଧାନ କରି ବିଭିନ୍ନ କୌଶଳ କ୍ରମେ ସହଜରେ ଉଦ୍ଧାର କରିବା ସହିତ ପ୍ରାଥମିକ ଚିକିତ୍ସା ଯୋଗାଇଦେବା ଓ ପ୍ରାଥମିକ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେଥିପ୍ରତି ସଚେତନତା କରାଯାଇଥିଲା।



# ସିକିଲ୍ ସେଲ୍ ରୋଗମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ

**ଝାରସୁଗୁଡ଼ା, ୧୯।୬(ସମିସ)**

ଆସନ୍ତା ୨୦୪୭ ମସିହା ସୁଦ୍ଧା ସିକିଲ ସେଲ ରୋଗ ମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ ନିଆଯାଇଛି। ଝାରସୁଗୁଡ଼ା ଜିଲ୍ଲା ନବ ଦାସ ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ପ୍ରଶମନ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ପିତାମ୍ବର ମିଶ୍ର, ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ସୁନିଲ ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରବୀର୍ କୁମାର ନାୟକ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ସଞ୍ଜୀବ କୁମାର ପଟେଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଡମିନିକ ଟପ୍ପୋ, ଜିଲ୍ଲା ସାମାଜିକ ଉନ୍ନୟନ ଅଧିକାରୀ ପୂର୍ଣ୍ଣ୍ୟବତୀ ହେଲେନ ଖେସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଧାରମନ୍ ବିର୍ତ୍ତିଆ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସିକିଲ ସେଲ ରୋଗ ମୁକ୍ତ ଦେଶ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଆସନ୍ତା ଜୁଲାଇ ୨ ତାରିଖ ମଧ୍ୟରେ ଜିଲ୍ଲାର ପ୍ରତି ପଞ୍ଚାୟତରେ ସିକିଲ୍ ସେଲ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସହ ଅନ୍ୟାନ୍ୟ ପ୍ରତିନିଧି ଯୋଗଦେବେ। ସେହିପରି ୦ ରୁ ୪୦ ବର୍ଷ ବୟସର ସମସ୍ତ ଜନସାଧାରଣ ନିଶ୍ଚିତ ଭାବରେ ରକ୍ତ ପରୀକ୍ଷା କରିବା ଆବଶ୍ୟକ। ଶିକିଲ୍ ସେଲ ଏକ ବଂଶଗତ ରୋଗ ଏଥିରେ ହିମୋଗ୍ଲୋବିନ୍ ତିଆରି କରୁଥିବା ଜିନ୍ ତ୍ରୁଟିଯୁକ୍ତ ହୋଇଥାଏ।



ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଭେକ୍ଟର ବାହିତ ରୋଗ ବିଭାଗର ବିରାଟ ରାଜା ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସୋମଦତ୍ତ ପୁରୋହିତ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ୧୨୬ ଜଣଙ୍କ ସିକଲ ସେଲ ପରୀକ୍ଷା କରାଯାଇଥିବା ବେଳେ ଯକ୍ଷ୍ମା ପାଇଁ କଫ ପରୀକ୍ଷା, ଡାଇବେଟିସ ଓ ଉଚ୍ଚ ରକ୍ତଚାପ ପାଇଁ ପରୀକ୍ଷା କରାଯାଇଥିଲା।

ସକାଳ
THE SAKALA



# ବର୍ଷା ପୂର୍ବରୁ ଡ୍ରେନ ସଫା, ପୋଖରୀ କାମ ଶେଷ ହେଉ

ସମ୍ବଲପୁର, ୧୯।୬(ସମିସ)

ମୌସୁମୀ ବର୍ଷା ଆରମ୍ଭ ହେବା ମାତ୍ର ସମ୍ବଲପୁର ସହରର ମୁଖ୍ୟ ନାଳ ଯଥା ହରଡ଼ ଯୋର, ଟାଙ୍ଗନା ନାଳ ତଥା ଧୋବିଯୋର ନାଳରେ ବର୍ତ୍ତମାନ ମଧ ବହୁ ଦଳ ଓ ଆବର୍ଜନା ଭର୍ତ୍ତି ହୋଇ ରହିଅଛି। ବର୍ତ୍ତମାନ ସହରର ବହୁ ପୋଖରୀର କାମ ମଧ ଧୀମା ଗତିରେ ଚାଲିଛି। ବର୍ଷା ହେଲେ କରାଯାଇଥିବା କାମ ସବୁ ଧୋଇ ହୋଇଯିବ ତେଣୁ କାମ ଶିଘ୍ର ସାରିବାକୁ ଆଜି ମହାନଗର କମିସନର ବେଦ ଭୂଷଣଙ୍କୁ ଭେଟି ବିଜେପିର ଯୁବନେତା ସୁଧୀର ରଞ୍ଜନ ବହିଦାର ଦାବି କରିଥିଲେ। ଜୁଲାଇ ୧ ସୁଦ୍ଧା ସମସ୍ତ ନାଳର କାମ ତଥା ପୋଖରୀ ଗୁଡ଼ିକର କାମ ଯଥା ଶୀଘ୍ର ସମାପ୍ତ କରିବାପାଇଁ ସମ୍ବଲପୁର ମହାନଗର ବିସ୍ତୃତଭାବେ ଆଲୋଚନା କରିଥିଲେ। କୁମ୍ଭାରପଡ଼ା ସାଲିଆ ବଗିଚା ରାସ୍ତାରେ ମଧ ସାମାନ୍ୟ ବର୍ଷାରେ ରାସ୍ତା ଭର୍ତ୍ତି ହୋଇଯାଉ ଥିବାରୁ ସେଠାରେ ଏକ ଉଚ୍ଚ କଲର୍ଭଟ



ନିର୍ମାଣ ଏବଂ ସମସ୍ତ ଡ୍ରେନ ଗୁଡ଼ିକୁ ବର୍ଷା ଦିନ ପୂର୍ବରୁ ମଇଳା ଆବର୍ଜନା ବାହାର କରିବାପାଇଁ ମଧ ଦାବି କରିଥିଲେ। ଆଲୋଚନାରେ ଆଦିତ୍ୟ ପୁରୋହିତ ଏବଂ ରାହୁଲ ଗୁପ୍ତା ମଧ ଉପସ୍ଥିତ ଥିଲେ। ଅଭିଯୋଗ



କ୍ରମେ ମହାନଗର ନିଗମ ବିଭିନ୍ନ ୱାର୍ଡ ଗୁଡିକରେ ଥିବା ଜଳାଶୟ ଗୁଡିକ ପୁନରୁଦ୍ଧାର କାର୍ଯ୍ୟ ହେଉଛି। ଗତ ମାର୍ଚ୍ଚ ମାସରୁ କେତେକ ପୋଖରୀ କାମ ଆରମ୍ଭ ହୋଇଥିଲା। ଏବେ କାମ ଅଧା ଅପନ୍ତରିଆ ହୋଇ ରହିଛି। ବର୍ଷା ହେଲେ ପୋଖରୀରେ ପାଣି ପୁରିଯିବ, ଆଉ କାମ ହୋଇ ପାରିବ ନାହିଁ। ଠିକାଦାର କିମ୍ବା କାମ କରୁଥିବା ବ୍ୟକ୍ତି ଏହାର ସୁଯୋଗ ନେଇ ଲାଭବାନ ହେବେ ବୋଲି ଅଭିଯୋଗ କରିଥିଲେ। ପୋଖରୀରୁ ଭିତରୁ ଖୋଳାଯାଇଥିବା ମାଟି, କାଦୁଅ, ପଙ୍କ ଅନ୍ୟତ୍ର ନ ନେଲେ ପୁଣି ପୋତି ହୋଇଯିବ। ମହାନଗର ନିଗମ ଅଞ୍ଚଳରେ ୫୪୮.୨୩ କିଲୋମିଟର ଦୀର୍ଘ ନାଳ ରହିଛି। ବର୍ଷା ଋତୁ ଆସିବା ପୂର୍ବ ରୁ ସମସ୍ତ ନାଳରୁ ମାଟି, ଆବର୍ଜନା କାଢି ତା'କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥାଏ। ନ ହେଲେ ବର୍ଷା ଜଳସ୍ରୋତ ଅବରୋଧ ହୋଇଥାଏ। ସଫେଇ କର୍ମଚାରୀ ଓ ଅଧିକ ସଂଖ୍ୟକ ମେସିନ ବ୍ୟବହାର କରି ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରାଯାଉ। ନ ହେଲେ ବର୍ଷାଋତୁରେ ଜଳ ନିଷ୍କାସିତ ହୋଇ ନ ପାରି ବସ୍ତି ଅଞ୍ଚଳ ତଥା ଘରଗୁଡିକରେ ପାଣି ପଶିଯିବ ବୋଲି କହିଥିଲେ।

# ରେଲଲାଇନ କଡ଼ରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

**ସମ୍ବଲପୁର, ୧୯।୬ (ସମିସ):** ସମ୍ବଲପୁର ଧନୁପାଲି ଥାନା ଖଇରପାଲି ରେଳଲାଇନ କଡ଼ରେ ଯୁବକଙ୍କ କ୍ଷତାକ୍ତ ମୃତ ଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ ସଦରଥାନା ଖଇରପାଲି ଗ୍ରାମର ସନାତନ ଦାସ (୨୫)। ଘଟଣା ସ୍ଥଳରେ ଜିଆରପି ପୁଲିସ, ଧନୁପାଲି ପୁଲିସ ପହଞ୍ଚି ତଦନ୍ତ କରିଛନ୍ତି। ଏହା ସହ ସାଇଣ୍ଟିଫିକ ଟିମ ଓ ଅନୁସନ୍ଧାନୀ କୁକୁର ମଧ ପହଞ୍ଚିଥିଲା। ଜିଆରପି ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହୋଇଯିବ ବୋଲି ଜିଆରପି ପୁଲିସ ଅଧିକାରୀ ସୌଦାମିନୀ ନାଏକ କହିଛନ୍ତି। ଅନ୍ୟପଟେ ପରିବାର ବର୍ଗ ପୁଅ ସନାତନଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ପରେ ଟ୍ରେନ ଲାଇନରେ ହତ୍ୟାକାରୀମାନେ ଫିଙ୍ଗି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ହତ୍ୟା ଘଟଣାକୁ ଆତ୍ମହତ୍ୟା ରୂପ ଦିଆଯାଉଛି



ବୋଲି କହିଥିଲେ। ହେଲେ ଘଟଣାକୁ ନେଇ ସାଧାରଣରେ ଭିନ୍ନ ଚର୍ଚ୍ଚା ହେଉଛି। ସନାତନ କେତେକ ପିଲାଙ୍କ ସହିତ ଗତକାଲି ସନ୍ଧ୍ୟାରେ ଥିଲେ। ନିଶା କାରବାର ପାଇଁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି କହୁଛନ୍ତି।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ସମ୍ବଲପୁର, ୧୯।୬(ସମିସ):** ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ସମ୍ବଲପୁର ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଅବକାରୀ ବିଭାଗ ଗତ ୧୯.୭.୨୩ ତାରିଖ ଧମାରେ ଯାଞ୍ଚ କରୁଥିଲେ। ଏହି ସମୟରେ ଏକ କାରକୁ ଅଟକାଇ ସେଥିରୁ ୫୪ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏହା ସହ ଛତିଶଗଡ଼ ଗାଡ଼ି ଚାଳକ ସୁସିତ କୁଜୁର ଏବଂ ଏମଡି ହାଫିଜଙ୍କୁ ଗରିଫ କରାଯାଇଥିଲା। ଏନଡିପିଏସ ଧାରା ଅନୁଯାୟୀ ସେମାନଙ୍କୁ କୋର୍ଟ ଚାଲଣ କରାଯାଇଥିଲେ। ଏହି ମାମଲାର ବିଚାରକରି ସମ୍ବଲପୁର ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ସମସ୍ତ ସାକ୍ଷ୍ୟ ଗ୍ରହଣ କରିବା ପରେ ଉପଯୁକ୍ତ ପ୍ରମାଣ ଅଭାବରୁ ଉଭୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ପ୍ରଦ୍ୟୋତ କୁମାର ଶର୍ମା ଏହି ମାମଲା ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ବାୟୁସେନା ଅଧିକାରୀଙ୍କ ପରଲୋକ

**ସମ୍ବଲପୁର, ୧୯।୬(ସମିସ):** ଅବସର ପ୍ରାପ୍ତ ଭାରତୀୟ ବାୟୁସେନା ଅଧିକାରୀ ଇନ୍ଦୁ ଭୂଷଣ ମହାପାତ୍ରଙ୍କ ହୃତଘାତରେ ପରଲୋକ ଘଟିଛି। ସେ ପଶ୍ଚିମ ଓଡ଼ିଶା ଅବସର ସର୍ଭିସମେନ ଏସୋସିଏସନ ସଭାପତି ଭାବରେ ଦାୟିତ୍ୱ ତୁଲାଇ ଥିଲେ। ସମ୍ବଲପୁର ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅଭିଳାଷ ମହାପାତ୍ର ମୁଖାଗ୍ନି ଦେଇଥିଲେ। ଇନ୍ଦୁଙ୍କ ପତ୍ନୀ



କୁକୁମୀନା ମହାପାତ୍ର, ଝିଅ ଅଭା ମହାପାତ୍ର ଉପସ୍ଥିତ ଥିଲେ। ଏସୋସିଏସନ ତରଫରୁ ସୁବେଦାର ମେଜର ଶିବ ନାରାୟଣ ବେହେରା, ରବୀନ୍ଦ୍ର ପ୍ରଧାନ, ଏସଏସ ଯାଦବ, ହୃଷିକେଶ ପାଢ଼ୀ, କେକେ ମିଶ୍ରଙ୍କ ସହ ୬୦ରୁ ଉର୍ଦ୍ଧ୍ୱ ଏସୋସିଏସନ ସଦସ୍ୟ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପରଲୋକ

**ସମ୍ବଲପୁର, ୧୯।୬ (ସମିସ):** ବଡ଼ବଜାର ନିବାସୀ ରବୀନ୍ଦ୍ର ନାରାୟଣ କୁଷ୍ଟାଙ୍କ ୬୯ ବର୍ଷ ବୟସରେ ଗତ ୧୪ ତାରିଖ ପରଲୋକ ହୋଇଛି। ସେ ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ଛାତ୍ର ସଂଘର ସଦସ୍ୟ ରହିଥିଲେ। ଏହା ସହ ୟୁକୋ ବ୍ୟାଙ୍କରେ କର୍ମଚାରୀ ଥିଲେ। ସେ ଜଣେ ସରଳ ଓ କଳାପ୍ରେମୀ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



■ ଜୁହାର ପରିବାର ପକ୍ଷରୁ ଲେଟିଯାତ୍ରା

## ସନାତନପାଲିରେ ୫ ଚାଷୀଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୧୯।୬(ସମିସ):** ପଶ୍ଚିମ ଓଡ଼ିଶାର ଗ୍ରାମାଞ୍ଚଳରେ ଆମ୍ବ ଭୋଜି ବା ଲେଟିଯାତ୍ରା ପରମ୍ପରା ଅତି ପୁରୁଣା। ମାତ୍ର ଗ୍ରାମାଞ୍ଚଳରେ ଆଧୁନିକତାର



ପ୍ରବେଶରେ ଏହି ମହାନ ପରମ୍ପରା ଲୁପ୍ତ ପ୍ରାୟ। ଜୁହାର ପରିବାର ସମ୍ବଲପୁର ପକ୍ଷରୁ ଜ୍ୟେଷ୍ଠ ଦ୍ୱାଦଶୀ ତିଥିରେ ତଥା ଆଜି ଲେଟିଯାତ୍ରା ପରମ୍ପରା ପୁନରୁଦ୍ଧାର କରାଯାଇଛି। ଜୁହାର ପରିବାର ଓ ସବୁଜ ସନାତନପାଲି ଚାଷୀ ଉତ୍ପାଦକ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅରବିନ୍ଦ ସ୍କୁଲ ପରିସରରେ ନିଆରା ଢଙ୍ଗରେ ଲେଟିଯାତ୍ରା ପା।ଳନ କରାଯାଇଛି। ଜୁହାର ପରିବାର ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମଜିକ କାର୍ଯ୍ୟକର୍ତ୍ତା ଗୋବିନ୍ଦ ଅଗ୍ରୱାଲ, ସୂର୍ଯ୍ୟ ପାଣିଗ୍ରାହୀ, ଜୁହାର ପରିବାର ଆବାହକ ଡ. ସତ୍ୟ ନାରାୟଣ ଠାକୁର, ଚାଷୀ ସଂଗଠନ କର୍ମକର୍ତ୍ତା ଦେବେନ୍ଦ୍ର ପ୍ରଧାନ, ଡ. ପ୍ରୟାସ ଡନସେନା, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଲେଟି ଯାତ୍ରା ପରମ୍ପରା ପୁନରୁଦ୍ଧାର ପ୍ରୟାସ ପାଇଁ ଅତିଥିମାନେ ପ୍ରଶଂସା କରି ଚାଷୀଙ୍କ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଗ୍ରଣୀ ଚାଷୀ କୈଳାସ ପ୍ରଧାନ, ମନବୋଧ ବାରିକ, ସୁରଜ ପଧାନ, ଅଶୋକ ମିର୍ଦ୍ଧା ଓ ବାବୁ ଲାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲେଟିଯାତ୍ରାରେ ଆମ୍ରପାଲି, ବାଇଗଣପଲ୍ଲୀ, ମଲ୍ଲିକା, ତୋଟପୁରୀ, ଦଶେରୀ, ନୀଲମ ଇତ୍ୟାଦି କିସମର ଆମ୍ବ ସାମିଲ ହୋଇଥିଲା। ସମସ୍ତ କର୍ମକର୍ତ୍ତା, ଆମନ୍ତ୍ରିତ ଅତିଥି ଆମ୍ବ ଭୋଜନ କରିଥିଲେ। କାର୍ଯ୍ୟକ୍ରମର ପରିଚାଳନାରେ ଜୁହାର ପରିବାରର ସୁଦୀପ୍ତ ପଣ୍ଡା, ଝୁନୁ ତ୍ରିପାଠୀ, ଯାମିନୀ ଠାକୁର, ରାଜେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଚୋରି ଟଙ୍କା ଓ ସୁନା ଅଳଙ୍କାର ଉଦ୍ଧାର



**ସମ୍ବଲପୁର, ୧୯।୬ (ସମିସ):** ବୁର୍ଲା ଥାନା ଅନ୍ତର୍ଗତ ଗୌଡପାଲି ନିବାସୀ ଗୁରୁବାରୀ ମେହେରଙ୍କ ଘରୁ ଗତ ୧୬ ତାରିଖ ସୁନା ଅଳଙ୍କାର ସହ ଟଙ୍କା ଚୋରି ହୋଇଥିଲା। ଅଭିଯୋଗ ପରେ ବୁର୍ଲା ପୁଲିସ ତଦନ୍ତ କରି ଆଜି ୧ ଲକ୍ଷ ୭୪ ହଜାର ଟଙ୍କା ସହ ୧ ସୁନା ହାର, ୨ଟି ଚେନ, ୨ ଯୋଡି କାନଫୁଲ ସହ ରୂପା ଅଳଙ୍କାର ଜବତ କରିଛି। ଜଣେ ନାବାଳକଙ୍କୁ ସୁଧାର ଗୃହ ପଠାଇ ଦେଇଛି।

## ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



**ସମ୍ବଲପୁର, ୧୯।୬(ସମିସ):** ସମ୍ବଲପୁର ସହରର ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଡାକ୍ତର ଅତନୁ ଠାକୁର ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ରୋଟାରୀ କ୍ଲବ ଅଫ୍ ସମ୍ବଲପୁରର ସଭାପତି ସୁଜିତ ପାଣିଗ୍ରାହୀ ଓ ସମ୍ପାଦକ ୱାସେ ମଲ୍ଲିକଙ୍କ ସମେତ ସବୁ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ। ବିଶେଷ କରି ବର୍ତ୍ତମାନ ପରିସ୍ଥିତିରେ ଗ୍ରୀଷ୍ମପ୍ରବାହ ପାଇଁ ବିଭିନ୍ନ ରକ୍ତଭଣ୍ଡାର ଗୁଡିକରେ ରକ୍ତର ଅଭାବ ଦେଖାଦେଇଥିବା ବେଳେ ଏହାକୁ କିଛି ପରିମାଣରେ ଦୁର କରିବାକୁ ଲକ୍ଷ ନେଇ ଏହି ଶିବିର ମାଧ୍ୟମରେ ପ୍ରୟାସ କରାଯାଇଥିଲା। ମୋଟ ୧୦୦ ୟୁନିଟ ରକ୍ତ ସଂଗ୍ରହୀତ କରିବା ଉଦ୍ଦେଧଶ୍ୟରେ ଏହି ଶିବିର ମାଧ୍ୟମରେ ପ୍ରୟାସ କରାଯାଇଥିବା ନେଇ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ପକ୍ଷରୁ ଏହାର ପଦାଧିକାରୀ ମାନେ ସୁଚନା ଦେଇଥିଲେ।

# ବନ୍ୟା ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍

**ସମ୍ବଲପୁର, ୧୯।୬(ସମିସ):** ସମ୍ବଲପୁର ଜିଲ୍ଲାରେ ଥିବା ସମଲେଶ୍ୱରୀ କଲେଜ ଏମଏଫଏସ, ବିନାଖଣ୍ଡି ଏମଏଫଏସ, ଚାଉଁରପୁର ଏମଏଫଏସ ଓ ଧମା ଏମଏଫଏସ ଭଳି ସମସ୍ତ ଆଶ୍ରୟସ୍ଥଳସ୍ତରରେ ମକ୍ ଡ୍ରିଲ୍ ଅଭ୍ୟାସ ର ମୂଲ୍ୟାଙ୍କନ ଓ ଆକଳନ କରାଯାଇଛି। ରାଜ୍ୟ ପର୍ଯ୍ୟବେକ୍ଷକ ଜୟ ଜାଗର ସାହୁ ( ଡିଜିଏମ୍ ) ଓଏସଡିଏମଏର ୩ଟି ବନ୍ୟା ଆଶ୍ରୟସ୍ଥଳୀ ଯଥା



ଉତ୍ସର୍ଗୀକୃତ ବନ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟସ୍ତରୀୟ ମକ୍ ଡ୍ରିଲ ଅଭ୍ୟାସ କରାଯାଇଥିଲା। ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ ଏହି ମକ୍ ଡ୍ରିଲ ଅଭ୍ୟାସ ଆୟୋଜନ କରିବାର ଉଦ୍ଦେଶ୍ୟ ହେଉଛି ସମସ୍ତ ଗୋଷ୍ଠୀ ସ୍ତରୀୟ ପ୍ରସ୍ତୁତି ପଦକ୍ଷେପର ସମୀକ୍ଷା କରିବା ସହିତ ଜ୍ଞାନ ଓ ଦକ୍ଷତାର ପରିବର୍ତ୍ତନ ମାଧ୍ୟମରେ ବିପର୍ଯ୍ୟୟ ସମୟରେ ମୌଳିକ ବଞ୍ଚିବା ଦକ୍ଷତା ବିଷୟରେ ସମୁଦାୟକୁ ଶିକ୍ଷିତ କରିବା। ଏହି ମକ୍ ଡ୍ରିଲ୍ ଅଭ୍ୟାସକୁ ଓଡ୍ରାଫ୍ ସ୍ଥାନୀୟ ଅଗ୍ନିଶମ ବାହିନୀ ସହାୟତା କରିଥିଲେ। ଜିଲ୍ଲା ପ୍ରଶାସନ, ସମ୍ବଲପୁର ପକ୍ଷରୁ ଆଭ୍ୟନ୍ତରୀଣ ପର୍ଯ୍ୟବେକ୍ଷକମାନଙ୍କୁ ନିୟୋଜିତ କରାଯାଇ ସମଲେଶ୍ୱରୀ କଲେଜ ଏମଏଫଏସ, ବିନାଖଣ୍ଡି ଏମଏଫଏସ ଓ ଧମା ଏମଏଫଏସ ପରିଦର୍ଶନ କରି ମକ୍ ଡ୍ରିଲ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରସ୍ମା ଭୋଇ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜରୁରୀକାଳୀନ ଗୀତାଞ୍ଜଳି ସା ସମସ୍ତ ଏମଏଫଏସରେ ମକ୍ ଡ୍ରିଲ ଅଭ୍ୟାସକୁ ସଫଳ ଭାବରେ ପରିଚାଳନା କରିବା ପାଇଁ ସାମଗ୍ରିକ ପ୍ରକ୍ରିୟାର ତଦାରଖ କରିଥିଲେ। ଏହି ମକ୍ ଡ୍ରିଲ୍ ଅଭ୍ୟାସରେ ଏଫ୍ଏସ୍ଏମ୍ଏମ୍ସି କମ୍ୟୁନିଟି ସଦସ୍ୟ, ପି.ଆର.ଆଇ ସଦସ୍ୟ, ଏନ୍ଜିଓ ପ୍ରତିନିଧି, ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ବିଶ୍ୱ ରକ୍ତଶିକୁଳି ଦିବସ ସଚେତନତା ଅଭିଯାନ



**ସମ୍ବଲପୁର, ୧୯।୬(ସମିସ):** ସମ୍ବଲପୁର ସିଡିଏମଓ କାର୍ଯ୍ୟାଳୟରେ ଆଜି ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଛି। ଏକ ବୈଠକ ଅନୁଷ୍ଠିତ ହେବା ସହ ସଚେତନତା ଅଭିଯାନ ହୋଇଥିଲା। ଜୁନ୍ ୧୯ରୁ ଜୁଲାଇ ୩ ପର୍ଯ୍ୟନ୍ତ ରହିବ। ସୂଚନା ଅନୁଯାଇ ସିକଲ୍ ସେଲ୍ଫ ପାଇଁ ମାସ୍ ସ୍କ୍ରିନିଂ, ଏନସିଡି ସ୍କ୍ରିନିଂ, ଟେଷ୍ଟ କରାଯିବ। ଏପିଡେମିଓଲୋଜିଷ୍ଟ ଡାକ୍ତର ଜ୍ଞାନ ରଞ୍ଜନ ମୋହନ ସଭାକୁ ସଂଯୋଜନା କରିଥିଲେ। ସିଡିଏମଓ ଡାକ୍ତର ସୁଜାତା ରାଣୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁର ଡିଡବ୍ଲୁଓ ଭାଗୀରଥି ପଟେଲ ବିଦ୍ୟାଳୟରେ ସିକଲ୍ ସେଲ୍ଫ ରକ୍ତହୀନତା ଦୂରୀକରଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବିଷୟରେ ସୂଚନା ଦେଇଥିଲେ। ସମ୍ବଲପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡିଆ ଜରିଆରେ ସିକଲ୍ ସେଲ୍ଫ ରକ୍ତହୀନତା ନିରାକରଣ ସମ୍ପର୍କରେ ସଚେତନତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ବଲପୁର ଡିପିଏଚ୍ଓ ଡାକ୍ତର ଅଶୋକ କୁମାର ଦାସ ସିକଲ୍ ସେଲ୍ଫ ରକ୍ତହୀନତା ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍ଓ (କୁଷ୍ଠରୋଗ), ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଓ ଏଡିପିଓ (ଟିବି) ଡାକ୍ତର ସଞ୍ଜୀବ କୁମାର ତିରିଆ ପ୍ରମୂଖ ମଞ୍ଚାସୀନ ଥିଲେ। ସିକଲ୍ ସେଲ୍ଫ ରୋଗର କ୍ଲିନିକାଲ୍ ବୈଶିଷ୍ଟ୍ୟ, ଥାଲାସେମିଆ ଏବଂ ଏହାର କ୍ଲିନିକାଲ୍ ଫ୍ୟୁଚର, ସିକଲ୍ ସେଲ୍ଫ ଏବଂ ଥାଲାସେମିଆରେ ସ୍କ୍ରିନିଂର ଭୂମିକା, ନିରାକରଣ ଉପରେ ପ୍ରସ୍ତାବିତ ଷ୍ଟ୍ରାଟେଜି, ସିକଲ୍ ସେଲ୍ଫ ଷ୍ଟାଟସ୍ କାର୍ଡର ମିଳନ, ଥାଲାସେମିଆ ବାଲ ସେବା ଯୋଜନା ଉପରେ ପାୱାରପଏଣ୍ଟ ଉପସ୍ଥାପନା ଏବଂ ଆଲୋଚନା ଅନୁଷ୍ଠିତ ହୋଇଥିଲା। ସ୍କ୍ରିନିଂ ହୋଇଥିବା ବ୍ୟକ୍ତିମାନଙ୍କୁ ସିକଲ୍ ସେଲ୍ଫ ଷ୍ଟାଟସ୍ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଡ ମେଳନ ପରେ ସେମାନଙ୍କ ସନ୍ତାନର ଜିନୋଟାଇପ୍ ଯାଞ୍ଚ ଆକଳନ କରିବା ପାଇଁ ଏହି କାର୍ଡବିଶେଷ ଭାବରେ ଡିଜାଇନ୍ କରାଯାଇଛି। ଯାହା ଦ୍ୱାରା ଭବିଷ୍ୟତରେ ସିକଲ୍ ସେଲ୍ଫ ରକ୍ତହୀନତା ରୋଗକୁ ରୋକାଯାଇପାରିବ। ଏଏନ୍ଏମ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପକ୍ଷରୁ ତାରପୋଲିନ ବଣ୍ଟନ



**ସମ୍ବଲପୁର, ୧୯।୬(ସମିସ):** ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପକ୍ଷରୁ ସଭାପତି ଦୀପକ ପାଣ୍ଡେଙ୍କ ନେତୃତ୍ୱରେ ଆଜି ଦୁର୍ଗାପାଲି କାନିଜୁରୀର କୁସୁମପଡ଼ା ଠାରେ ୫୦ ରୁ ଉର୍ଦ୍ଧ ପରିବାର ଙ୍କୁ ତାରପୋଲିନ ବଣ୍ଟନ କରାଯାଇଥିଲା। ଆଗକୁ ବର୍ଷା ମାସ ଆସୁଥିବାରୁ କୁସୁମପଡ଼ାରେ ବସବାସ କରୁଥିବା ଲୋକଙ୍କ ଘର ଦୟନୀୟ ଅବସ୍ଥାରେ ରହିଛି। ତେବେ ବର୍ଷା ଯୋଗୁଁ ବହୁ ଲୋକଙ୍କ ଘର ଭାଙ୍ଗିବାର ସମ୍ଭାବନା ଥିବାରୁ ତାରପୋଲିନରେ ନିଜ କୁଡିଆ ଘରକୁ ସୁରକ୍ଷିତ ରଖିବେ ବୋଲି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସେବା ଅନୁଷ୍ଠାନର କୋଷାଧକ୍ଷ ବାବଲୁ ଚାନ୍ଦ, ବୁଧୁ ପାତ୍ର, ପ୍ରେମରାଜ ମେହେର, ଆର୍ତ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

୩୩ କେଭି ବିଦ୍ୟୁତ୍ ଟାୱାର କ୍ଷତିଗ୍ରସ୍ତ

# ମହୁଲଡିହା ସେକ୍ସନର ୧୧ ପଞ୍ଚାୟତକୁ ବିକଳ୍ପ ବ୍ୟବସ୍ଥା କରାଯାଇଛି

ବୁର୍ଲା, ୧୯।୬(ସମିସ)

ରାଉରକେଲା ବିଦ୍ୟୁତ୍ ମଣ୍ଡଳ ଅନ୍ତର୍ଗତ ବଣାଇ ସବ-ଡିଭିଜନର ବାରକୋଟଠାରୁ ମହୁଲଡିହା ମଧ୍ୟରେ ନଦୀ ପାର କରୁଥିବା ଏକ ୩୩ କେ.ଭି. ବିଦ୍ୟୁତ୍ ଟାୱାର୍ କାଳବୈଶାଖୀ ଯୋଗୁଁ ଧୂଳିସାତ ହୋଇଯାଇଛି। ଯାହା ଫଳରେ ବଣାଇ ସବ-ଡିଭିଜନର ମହୁଲଡିହା ପାୱାର ସବଷ୍ଟେସନକୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏହି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ମହୁଲଡିହା ପାୱାର ସବଷ୍ଟେସନର ସମସ୍ତ ଫିଡର୍ ଲାଇନ୍ ବନ୍ଦ ହୋଇଥିଲା। ଏହି ଦୈବିଦୁର୍ବିପାକ ଯୋଗୁଁ ପ୍ରାୟ ୧୧ ଗୋଟି ଗ୍ରାମ ପଞ୍ଚାୟତର ୧୩ ହଜାର ଗ୍ରାହକଙ୍କୁ ବିଦ୍ୟୁତ୍ ଯୋଗାଣରେ ବ୍ୟାହତ ଘଟିଥିଲା। ସୂଚନାଯୋଗ୍ୟ ଯେ, ପରିସ୍ଥିତକୁ ତୁରନ୍ତ ଅନୁଧ୍ୟାନ କରାଯାଇ ଟିପିଡବ୍ଲ୍ୟୁଓଡିଏଲର ଶୀର୍ଷ ପରିଚାଳକ ଏକ ନୂତନ ଟାୱାର ସ୍ଥାପନ ଏବଂ ଫିଡର୍ ଲାଇନ୍ ବିଛାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ସହିତ ପ୍ରାୟ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହା ଏକ ସମୟ ସାପେକ୍ଷ କାର୍ଯ୍ୟ ଅଟେ ଏବଂ ନୂତନ ଟାୱାର ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଅନ୍ୟପଟେ ଟିପିଡବ୍ଲୁଓଡିଏଲର ସ୍ଥାନୀୟ ରକ୍ଷଣାବେକ୍ଷଣ ଦଳ ଦ୍ୱାରା ବିକଳ୍ପ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇ ଭଗ୍ନ ଟାୱାରା ପାଇଁ କ୍ଷତିଗ୍ରସ୍ତ ହୋଇଥିବା ୧୧ଟି ଗ୍ରାମ ପଞ୍ଚାୟତର ପ୍ରାୟ ସମସ୍ତ ୧୩ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇ ସାରିଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିଦ୍ୟୁତ୍ ଉପଭୋକ୍ତାମାନେ ସମ୍ମୁଖିନ ହୋଇଥିବା ଅସୁବିଧା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ଦୁଃଖିତ। କିନ୍ତୁ ଏହା ଦୁର୍ଭାଗ୍ୟଜନକ ଯେ, କିଛି କ୍ରୋଧିତ ଗ୍ରାମବାସୀ ଆମର ଏଜେନ୍ସି କର୍ମଚାରୀଙ୍କୁ



ଦୁର୍ବ୍ୟବହାର କରିବା ସହ ଆଇନକୁ ନିଜ ହାତକୁ ନେଇଛନ୍ତି। ଏଣୁ ଆମେ ମହୁଲଡିହା ସେକ୍ସନର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦେବାକୁ ଚାହୁଁଅଛୁ ଯେ, ଟିପିଡବ୍ଲ୍ୟୁଓଡିଏଲର ନିଜସ୍ୱ କର୍ମଚାରୀ ତଥା ଏହାର ଅଧିକୃତ ଏଜେନ୍ସିର କର୍ମଚାରୀଙ୍କୁ ଦୁବ୍ୟବହାର କରିବା ପରିବର୍ତ୍ତେ ବିଦ୍ୟୁତ୍ ଯୋଗାଣ ସେବାକୁ ପୁନରୁଦ୍ଧାର କରୁଥିବା ଆମର ରକ୍ଷଣାବେକ୍ଷଣ ଦଳର ପ୍ରୟାସକୁ ଗ୍ରାହକମାନେ ପ୍ରଶଂସା କରିବା ଉଚିତ। ତେଣୁ କାର୍ଯ୍ୟରତ ବିଦ୍ୟୁତ୍ କର୍ମାଚାରୀଙ୍କୁ ଯେକୌଣସି ପ୍ରକାରର ଦୁର୍ବ୍ୟବହାରକୁ ସମାଜର ସବୁ ସ୍ଥରରେ ନିନ୍ଦା କରାଯିବା ଉଚିତ୍ ଏବଂ ଆମର ବିନିତ ଅନୁରୋଧ ସବୁ ପରିସ୍ଥିତିରେ ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଏହାର କର୍ମଚାରୀମାନଙ୍କୁ ସହାୟତା କରିବା ନିତାନ୍ତ ଆବଶ୍ୟକ ବୋଲି ସୂଚନା ଦିଆଯାଇଛି।

